# ୨୦

# କେନ୍ଦ୍ର ସରକାର

ଆମେ ବହୁସମୟରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅନ୍ୟାନ୍ୟମନ୍ତ୍ରୀ, ସରକାରୀ କର୍ମଚାରୀ, ରାଜନୀତିଜ୍ଞ ଓ ଅନ୍ୟମାନଙ୍କ ବିଷୟରେ ଆଲୋଚନା କରିଥାଉ। ଏ ସବୁ ଆଲୋଚନା ଆମ ଘରେ, କାର୍ଯ୍ୟାଳୟରେ ଚା ଦୋକାନରେ, ଜଳଖିଆ ଦୋକାନରେ ଏବଂ ରାସ୍ତାରେ ବିଭିନ୍ନ ସ୍ଥାନରେ ହୋଇଥାଏ। ତୁମେ କେବେ ଚିନ୍ତାକରିଛ କି, ଆମେ ବାରମ୍ବାର ଏହି ଲୋକମାନଙ୍କ ବିଷୟରେ କାହିଁକି ଆଲୋଚନା କରୁ ? କାରଣ ସରକାରଙ୍କ ମୁଖ୍ୟ କର୍ମକର୍ତ୍ତା ହୋଇଥିବାରୁ ସେମାନଙ୍କ ଚିନ୍ତାଧାରା ଓ କାର୍ଯ୍ୟ ଆମ୍ଭମାନଙ୍କୁ କୌଣସି ଭାବରେ ପ୍ରଭାବିତ କରିଥାଏ। ଦେଶର ଲୋକମାନଙ୍କର ଉନ୍ନତି ଓ ଜୀବନଧରଣର ମାନବୃଦ୍ଧିପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେଥିପାଇଁ ଆମେ ତାଙ୍କ ବିଷୟରେ ଅଧିକ ଜାଣିବାକୁ ଇଚ୍ଛାକରୁ। ଆମ ଦେଶରେ ଏକ ସଂଘୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ଥିବାରୁ ଆମର କେନ୍ଦ୍ର ସରକାର, ରାଜ୍ୟ ସରକାର ବ୍ୟତୀତ ଗ୍ରାମ, ସହର ପ୍ରଭୃତି ପ୍ରାଥମିକ ସ୍ତରରେ ସ୍ୱାୟତଶାସନ ସରକାର ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ଗଠନ ଓ କାର୍ଯ୍ୟ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାଦ୍ୱାରା ପରିଚାଳିତ। କେନ୍ଦ୍ର ଓ ରାଜ୍ୟସରକାରର ଗଠନ ଓ କାର୍ଯ୍ୟ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାଦ୍ୱାରା ପରିଚାଳିତ। ତଦନୁଯାୟୀ ଭାରତର ସମ୍ବିଧାନରେ ସରକାରର ତିନୋଟି ବିଭାଗ ଯଥା କାର୍ଯ୍ୟ ନିର୍ବାହୀ, ଆଇନ ପ୍ରଣୟନ ଓ ନ୍ୟାୟିକ ବିଭାଗର ଗଠନ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ବ୍ୟବସ୍ଥା ରହିଛି। କେନ୍ଦ୍ରସରକାରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ କାର୍ଯ୍ୟନିର୍ବାହୀ ବିଭାଗ, ସଂସଦ ଆଇନପ୍ରଣୟନକାରୀ ବିଭାଗ ଏବଂ ସର୍ବୋଚ୍ଚନ୍ୟାୟାଳୟ ନ୍ୟାୟିକବିଭାଗ ଅଟେ। ଏହି ଅଧ୍ୟାୟରେ ଆମେ କେନ୍ଦ୍ରସରକାରର ଉପରୋକ୍ତ ତିନୋଟି ବିଭାଗର ଗଠନ ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିବା।

## ଉଦ୍ଦେଶ୍ୟ

*ଏହି ଅଧ୍ୟାୟ ପଠନପରେ ତୁମେମାନେ*

- ଭାରତରେ ରାଷ୍ଟ୍ରପତିଙ୍କର ନିର୍ବାଚନ ବ୍ୟବସ୍ଥା, କାର୍ଯ୍ୟକାଳ ଏବଂ କ୍ଷମତା ଓ କାର୍ଯ୍ୟକାରିତା ସମ୍ପର୍କରେ ବର୍ଣ୍ଣନା କରିବାକୁ ସମର୍ଥ ହୋଇ ପାରିବ।
- ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ଏବଂ ମନ୍ତ୍ରୀ ପରିଷଦର ଗଠନ, କ୍ଷମତା ଓ କାର୍ଯ୍ୟକାରିତା ସମ୍ପର୍କରେ ବିଶ୍ଳେଷଣ କରିବାକୁ ସକ୍ଷମହୋଇ ପାରିବ।
- ପ୍ରଧାନମନ୍ତ୍ରୀଙ୍କର କ୍ଷମତା ଓ ସ୍ଥିତି (Position) ଓ ମନ୍ତ୍ରୀ ପରିଷଦ ସହିତ ସମ୍ପର୍କ ବିଷୟରେ ଅନୁଧ୍ୟାନ କରିପାରିବ।





- ସଂସଦର ଗଠନ, କ୍ଷମତା ଓ କାର୍ଯ୍ୟକାରିତା ସମ୍ପର୍କରେ ବର୍ଣ୍ଣନାସହ ରାଜ୍ୟସଭା ଓ ଲୋକସଭାର ସ୍ଥିତି (Position) ର ତୁଳନା କରିପାରିବ।
- ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଗଠନ ଏବଂ କ୍ଷମତା ପରିସର, ନ୍ୟାୟିକ ପୁନର୍ବିଚାର (Judicias review)କ୍ଷମତା, ଜନସ୍ୱାର୍ଥମାମଲା (PIL)ର ପ୍ରଭାବ, ଆମର ନିତିଦିନିଆ ଜୀବନରେ ନ୍ୟାୟିକ ପ୍ରଭାବ ସମ୍ପର୍କରେ ଆଲୋଚନା କରିବା ସହିତ କାର୍ଯ୍ୟଦକ୍ଷତା ସମ୍ପର୍କରେ ଅବହିତ ହୋଇପାରିବ।

## ୨୦.୧ ରାଷ୍ଟ୍ରପତି


ନିମ୍ନପ୍ରଦତ୍ତ ଚିତ୍ରରେ ସାଧାରଣତନ୍ତ୍ର ଦିବସ ପ୍ୟାରେଡ ପ୍ରଦର୍ଶିତ ହୋଇଛି। ଆମେ ପ୍ରତିବର୍ଷ ଜାନୁଆରୀ ୨୬ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ କରୁ। ଭାରତ ଗୋଟିଏ ସାଧାରଣତନ୍ତ୍ର କାହିଁକି ? ତୁମେ କହିପାରିବ କି ? କାରଣ, ଏହାର ରାଷ୍ଟ୍ରମୁଖ୍ୟ ଭାରତର ରାଷ୍ଟ୍ରପତି ନିର୍ବାଚିତ ହୋଇଥାନ୍ତି। ଇଂଲଣ୍ଡରେ ଏପରି ନୁହେଁ, ଯେଉଁଠାରେ ରାଷ୍ଟ୍ରମୁଖ୍ୟ ଜଣେ ରାଜା ବା ରାଣୀ ହୋଇଥାନ୍ତି। ସେମାନେ ବଂଶାନୁକ୍ରମିକଭାବେ ଏହି ପଦଲାଭ କରିଥାନ୍ତି।




ଚିତ୍ର ୨୦.୧ ସାଧାରଣତନ୍ତ୍ର ଦିବସ ପ୍ୟାରେଡ

### ୨୦.୧.୧ ରାଷ୍ଟ୍ରପତି ନିର୍ବାଚନ ପଦ୍ଧତି :

ରାଷ୍ଟ୍ରପତି ପରୋକ୍ଷ ଭାବରେ ଏକ ନିର୍ବାଚକ ମଣ୍ଡଳଦ୍ୱାରା ନିର୍ବାଚିତ ହୋଇଥାନ୍ତି। ଏହା ସଂସଦର ଉଭୟ ଗୃହ ଓ ରାଜ୍ୟବିଧାନ ସଭା ଗୁଡ଼ିକର ନିର୍ବାଚିତ ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥାଏ। କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପୁଡୁଚେରୀ (ପୂର୍ବବର୍ତ୍ତୀ ନାମ ପଣ୍ଡିଚେରୀ) ବିଧାନସଭାର ନିର୍ବାଚିତ ସଦସ୍ୟମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଗୁପ୍ତମତଦାନ ମାଧ୍ୟମରେ ଏହି ନିର୍ବାଚନ ହୋଇଥାଏ। ଏକ ଆନୁପାତିକ ଭୋଟଦାନ ପଦ୍ଧତିଦ୍ୱାରା ସେ ନିର୍ବାଚିତ ହୁଅନ୍ତି।




ଚିତ୍ର - ୨୦.୨ ରାଷ୍ଟ୍ରପତି ନିର୍ବାଚନ ପଦ୍ଧତି।

## ରାଷ୍ଟ୍ରପତିଙ୍କ ଯୋଗ୍ୟତା:

ରାଷ୍ଟ୍ରପତି ପଦକୁ ନିର୍ବାଚିତ ହେବାପାଇଁ ଜଣେ ପ୍ରାର୍ଥୀ ନିଶ୍ଚିତରୂପେ-

୧. ଭାରତୀୟ ନାଗରିକ ହୋଇଥିବେ।

୨. ଅତିକମ୍‌ରେ ୩୫ବର୍ଷ ବୟସ୍କ ହୋଇଥିବେ।

୩. ଲୋକସଭାରେ ସଦସ୍ୟ ହେବାପାଇଁ ଯୋଗ୍ୟତାଥିବ।

୪. ରାଜ୍ୟ, କେନ୍ଦ୍ର କିମ୍ବା ସ୍ଥାନୀୟ ସରକାର ଅଧିନସ୍ଥ କୌଣସି ଲାଭଜନକ ପଦବୀରେ ଅସୀନ ହୋଇ ନଥିବେ।

## ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ :

ରାଷ୍ଟ୍ରପତି ୫ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି। କିନ୍ତୁ ତାଙ୍କର କାର୍ଯ୍ୟକାଳ ସରିଯାଇଥିଲେ ମଧ୍ୟ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ ପଦବୀ ଗ୍ରହଣ କଲା ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ପଦରେ ରହିପାରିବେ। ରାଷ୍ଟ୍ରପତି ପଦରେ କାର୍ଯ୍ୟକରୁଥିବା ବା ପୂର୍ବରୁ କାର୍ଯ୍ୟ କରିଥିବା ବ୍ୟକ୍ତି ରାଷ୍ଟ୍ରପତି ପଦକୁ ପୁନଃ ନିର୍ବାଚିତ ହେବାର ବ୍ୟବସ୍ଥା ରହିଛି। ନିମ୍ନଲିଖିତ କୌଣସି ଏକ ପରିସ୍ଥିତିରେ ରାଷ୍ଟ୍ରପତି ପଦ ଖାଲି ରହିପାରେ।

(କ) ଯଦି ରାଷ୍ଟ୍ରପତି ମୃତ୍ୟୁ ବରଣ କରନ୍ତି

(ଖ) ଯଦି ସେ ନିଜପଦରୁ ଇସ୍ତଫା ଦିଅନ୍ତି

(ଗ) ଯଦି ତାଙ୍କୁ ବହିଷ୍କାର (Impeachment) ଦ୍ୱାରା ପଦଚ୍ୟୁତ କରାଯାଏ।
ବହିଷ୍କାର (ଅସାମ୍ବିଧାନିକ କାର୍ଯ୍ୟପାଇଁ ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ ବା ବହିଷ୍କାର କରିବାର ସିଦ୍ଧାନ୍ତ) ଯାହାକୁ ସଂସଦର ଉଭୟ ଗୃହରେ ସ୍ୱତନ୍ତ୍ର ବହୁମତରେ ଗ୍ରହଣ କରାଯାଏ।
ଆମ ସମ୍ବିଧାନ ବ୍ୟବସ୍ଥା ଅନୁସାରେ ଯଦି କୌଣସି କାରଣରୁ ରାଷ୍ଟ୍ରପତି ପଦ ଖାଲି ରହେ, ତେବେ ନୂତନ ରାଷ୍ଟ୍ରପତି ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କଲା ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ରାଷ୍ଟ୍ରପତି ରୂପେ କାର୍ଯ୍ୟ କରନ୍ତି। କିନ୍ତୁ ଉପରାଷ୍ଟ୍ରପତି ୬ମାସରୁ ଅଧିକ ସମୟ ରାଷ୍ଟ୍ରପତି ଭାବରେ କାର୍ଯ୍ୟକରିପାରିବେ ନାହିଁ। ରାଷ୍ଟ୍ରପତିଙ୍କ ବେତନ, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସଂସଦ ଦ୍ୱାରା ସ୍ୱୀକୃତି ପାଇଥିବା ଆଇନଦ୍ୱାରା ସ୍ଥିରୀକୃତ ହୋଇଥାଏ। ସମ୍ବିଧାନ ଅନୁସାରେ ସାଧାରଣତଃ ମାସିକ ୧୦,୦୦୦ଟଙ୍କା ବେତନ

ପାଇଥାନ୍ତି । ଏହା ୧୯୯୮ ମସିହାରେ ୫୦,୦୦୦ ଟଙ୍କାକୁ ଏବଂ ୨୦୦୮ ମସିହାରେ ପୁନର୍ବାର ୧,୫୦,୦୦୦କୁ ବୃଦ୍ଧି କରାଯାଇଛି । ତାଙ୍କର ମଧ୍ୟ ଅନ୍ୟ ସ୍ୱତନ୍ତ୍ର ଦରମା ଓ ଭତ୍ତା ରହିଛି ଓ ସେ ଦିଲ୍ଲୀରେ ରହୁଥିବା ସରକାରୀ ବାସଭବନକୁ ରାଷ୍ଟ୍ରପତିଭବନ କୁହାଯାଏ ।



ଚିତ୍ର ୨୦.୩ ରାଷ୍ଟ୍ରପତି ଭବନ (ପୃଷ୍ଠା ୧୦୫)

**? ତୁମେ ଜାଣ କି**

(୧) ଡଃ ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ ଓ ସେ କ୍ରମାଗତ ଭାବରେ ଦୁଇଥର ଏହି ପଦରେ ରହିଥିଲେ

(୨) ଶ୍ରୀମତୀ ପ୍ରତିଭା ଦେବୀ ସିଂ ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି । ସେ ଭାରତର ଦ୍ୱାଦଶ ରାଷ୍ଟ୍ରପତି ।

(୩) ଏ ପର୍ଯ୍ୟନ୍ତ ଦୁଇଜଣ ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି । ସେମାନେ ହେଉଛନ୍ତି - ଡଃ ଜାକିର ହୁସେନ ଓ ଶ୍ରୀଯୁକ୍ତ ଫକୀରୁଦ୍ଦିନ ଅଲ୍ଲୀ ଅହମ୍ମଦ ।

## ୨୦.୧.୨ ରାଷ୍ଟ୍ରପତିଙ୍କର କ୍ଷମତା:

ଆମେ ଆଗରୁ ଜାଣିଛୁ ଯେ, ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ । ସେ ଦେଶର ସର୍ବୋଚ୍ଚ ପଦର ଅଧିକାରୀ । ତାଙ୍କ ନାମରେ ଦେଶର ସମସ୍ତ ପ୍ରଶାସନିକ କାର୍ଯ୍ୟ ପରିଚାଳିତ ହୁଏ । ରାଷ୍ଟ୍ରପତିଙ୍କର ନିମ୍ନଲିଖିତ କ୍ଷମତା ଗୁଡ଼ିକ ରହିଛି ।

(କ) **କାର୍ଯ୍ୟନିର୍ବାହୀ କ୍ଷମତା:** ଭାରତର ସମ୍ବିଧାନରେ କେନ୍ଦ୍ରର କାର୍ଯ୍ୟନିର୍ବାହୀ କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ କରାଯାଇଛି । ସେ ଲୋକସଭାର ସଂଖ୍ୟାଗରିଷ୍ଠ ଦଳର ବା ଯେଉଁ ଦଳ ଗୁଡ଼ିକ ଏକତ୍ରିତଭାବେ ସଂଖ୍ୟାଗରିଷ୍ଠତା ଲାଭ କରିଥାନ୍ତି, ତାଙ୍କର ନେତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ

କରନ୍ତି। ତାଙ୍କର ପରାମର୍ଶରେ ମନ୍ତ୍ରୀମଣ୍ଡଳର ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି। ଯେହେତୁ ରାଷ୍ଟ୍ରପତି ନାମମାତ୍ର ଶାସନମୁଖ୍ୟ, ରାଷ୍ଟ୍ରର ସମସ୍ତ ପ୍ରଶାସନିକ କାର୍ଯ୍ୟ ରାଷ୍ଟ୍ରପତିଙ୍କ ନାମରେ ପରିଚାଳିତ ହୁଏ। ସେ ରାଜ୍ୟମାନଙ୍କର ରାଜ୍ୟପାଳ, ଭାରତର ମହାନ୍ୟାୟବାଦୀ, ଭାରତ ମହା ହିସାବ ନିରୀକ୍ଷକ, ରାଷ୍ଟ୍ରଦୂତ, ଉଚ୍ଚ କମିଶନର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ପ୍ରଶାସକ ମାନଙ୍କୁ ନିଯୁକ୍ତି ଦିଅନ୍ତି। ସେ ମଧ୍ୟ କେନ୍ଦ୍ର ଲୋକସେବା ଆୟୋଗର ଚେୟାରମ୍ୟାନ ଓ ସଦସ୍ୟ ଏବଂ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟାନ୍ୟ ବିଚାରପତି ମାନଙ୍କୁ ନିଯୁକ୍ତି ଦିଅନ୍ତି। ରାଷ୍ଟ୍ରପତି ଭାରତୀୟ ସେନାର ପ୍ରଧାନ ସେନାନାୟକ ଓ ସେନାର ତିନୋଟି ଶାଖା (ସ୍ଥଳ ବାହିନୀ, ଆକାଶବାହିନୀ ଓ ଜଳବାହିନୀ)ର ମୁଖ୍ୟମାନଙ୍କୁ ନିଯୁକ୍ତି ଦିଅନ୍ତି।

ରାଷ୍ଟ୍ରପତିଙ୍କର ମଧ୍ୟ ପଦଚ୍ୟୁତ କରିବାର ଅଧିକାର ରହିଛି। ସେ (୧) ମନ୍ତ୍ରୀମଣ୍ଡଳର ସଦସ୍ୟ (୨) ଭାରତର ମହାନ୍ୟାୟବାଦୀ (୩) ରାଜ୍ୟପାଳ (୪) ଲୋକସେବା ଆୟୋଗର ଚେୟାରମ୍ୟାନ ଓ ସଦସ୍ୟ (ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଅନୁସାରେ), ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାର ପତି ଓ ବିଚାରପତି (୫) ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଓ ନିର୍ବାଚନ ଅଧିକାରୀ ଗଣଙ୍କୁ ସଂସଦର ଏକ ଘୋଷଣାନାମା ଦ୍ୱାରା ପଦଚ୍ୟୁତ କରିପାରିବେ। ତାଙ୍କ ନାମରେ ଭାରତର ସମସ୍ତ କୂଟନୈତିକ କାର୍ଯ୍ୟ ପରିଚାଳିତ ହୋଇଥାଏ ଓ ଆନ୍ତର୍ଜାତିକ ଚୁକ୍ତି ସମ୍ପାଦିତ ହୋଇଥାଏ।

## (ଖ) ଆଇନ ପ୍ରଣୟନ କ୍ଷମତା:

ରାଷ୍ଟ୍ରପତି ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହି ପଦ ବଳରେ ସେ ଅନେକ ଆଇନ ପ୍ରଣୟନକାରୀ କ୍ଷମତା ଉପଭୋଗ କରନ୍ତି। ସେ ପ୍ରତିବର୍ଷ ସଂସଦର ପ୍ରଥମ ଅଧିବେଶନ ଓ ପ୍ରତ୍ୟେକ ଲୋକସଭା ନିର୍ବାଚନ ପରେ ଅନୁଷ୍ଠିତ ଅଧିବେଶନକୁ ଡକାନ୍ତି ଏବଂ ମୁଲତବୀ ରଖନ୍ତି ଏବଂ ମନ୍ତ୍ରୀପରିଷଦର ପରାମର୍ଶରେ ଲୋକସଭାକୁ ମଧ୍ୟ ଭାଙ୍ଗିପାରନ୍ତି। ତାଙ୍କର ସମ୍ମତିବିନା କୌଣସି ବିଲ ଆଇନରେ ପରିଣତ ହୋଇପାରିବ ନାହିଁ। ଯଦି ଲୋକସଭା ଓ ରାଜ୍ୟସଭା ଗୋଟିଏ ବିଲ୍ ଉପରେ ସହମତ ନହୁଅନ୍ତି, ତେବେ ରାଷ୍ଟ୍ରପତି ଏହି ସମସ୍ୟାର ସମାଧାନପାଇଁ ଏକ ସଂଯୁକ୍ତ ଅଧିବେଶନ ଡକାନ୍ତି। ଯେତେବେଳେ ସଂସଦ ଅଧିବେଶନରେ ନଥାଏ, ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ଅନୁରୋଧକ୍ରମେ ଅଧାଦେଶ ଜାରିକରି ପାରନ୍ତି ଯାହା ଆଇନଭଳି କାର୍ଯ୍ୟକରେ।

## (ଗ) ଆର୍ଥିକ କ୍ଷମତା:

ଉପରୋକ୍ତ କାର୍ଯ୍ୟନିର୍ବାହୀ ଓ ଆଇନପ୍ରଣୟନ କ୍ଷମତା ବ୍ୟତୀତ ରାଷ୍ଟ୍ରପତି କେତେକ ଆର୍ଥିକ କ୍ଷମତା ଉପଭୋଗ କରନ୍ତି। କୌଣସି ଅର୍ଥବିଲ୍ ତାଙ୍କ ପୂର୍ବ ସୁପାରିଶ ବିନା ଲୋକସଭାରେ ଆଗତ ହୋଇପାରିବ ନାହିଁ। ଅନ୍ୟ ଅର୍ଥରେ ପ୍ରତ୍ୟେକ ଅର୍ଥବିଲ ରାଷ୍ଟ୍ରପତିଙ୍କ ସ୍ୱୀକୃତିପାଇଲେ ଲୋକସଭାରେ ଆଗତ କରାଯାଇପାରିବ। ତୁମେ ନିଶ୍ଚୟ ବଜେଟ ସମ୍ପର୍କରେ ଶୁଣିଥିବ। ଏହା ଏକ ଦସ୍ତାବିଜ୍ ଯେଉଁଥିରେ ଭାରତ ସରକାରଙ୍କର ବାର୍ଷିକ ଆୟ ଓ ବ୍ୟୟର ବିସ୍ତୃତ ବିବରଣୀ ରହିଥାଏ। ପ୍ରତ୍ୟେକବର୍ଷ ଆର୍ଥିକ ବର୍ଷ ଆରମ୍ଭ ପୂର୍ବରୁ ବଜେଟ ଲୋକସଭାରେ ଆଗତପାଇଁ ରାଷ୍ଟ୍ରପତି ସ୍ୱୀକୃତି ପ୍ରଦାନ କରନ୍ତି।

### ତୁମେ ଜାଣ କି

ରାଷ୍ଟ୍ରପତିଙ୍କର ଆଇନପ୍ରଣୟନ କ୍ଷମତା ଆଲୋଚନା କଲାବେଳେ Summon (ଡାକିବା), Proroque ( ମୁଲତବୀରଖିବା) Dissolve (ଭଙ୍ଗକରିବା) ଏବଂ Ordianince (ଅଧ୍ୟାଦେଶ) ବ୍ୟବହାର କରାଯିବାର ଅର୍ଥ କ'ଣ ?

**ସଂସଦର ଅଧିବେଶନ ଡାକିବା(Summon the Parliament)-** ରାଷ୍ଟ୍ରପତି ସଂସଦର ସଦସ୍ୟମାନଙ୍କୁ ଜଣାନ୍ତି ଯେ, ଲୋକସଭା ଓ ରାଜ୍ୟସଭା ଅଧିବେଶନ କୌଣସି ନିର୍ଦ୍ଧିଷ୍ଟଦିନ ଆରମ୍ଭ ହେବ ଓ ସେହିପରି ଭାବରେ କୌଣସି ନିର୍ଦ୍ଧିଷ୍ଟ ଦିନ ପର୍ଯ୍ୟନ୍ତ ଚାଲିବ ।

**ସଂସଦକୁ ମୁଲତବୀ ରଖିବା (Proroque the Parliament)-** ରାଷ୍ଟ୍ରପତି ସଂସଦର ସଦସ୍ୟମାନଙ୍କୁ ଜଣାନ୍ତି ଯେ, ରାଜ୍ୟସଭା ଓ ଲୋକସଭା ଅଧିବେଶନ ଗୋଟିଏ ନିର୍ଦ୍ଧିଷ୍ଟ ଦିନରୁ ବନ୍ଦରହିବ ।

**ଲୋକସଭା ଭଙ୍ଗ କରିବା(Dissolve the Loksabha)-**ଲୋକସଭା ଭଙ୍ଗ କରିବା ଅର୍ଥ ଲୋକସଭା ଭାଙ୍ଗିଯିବ । ପରବର୍ତ୍ତୀ ନିର୍ବାଚନ ହୋଇ ନୂତନ ଲୋକସଭା ଗଠନ ପର୍ଯ୍ୟନ୍ତ ତାର ସ୍ଥିତି ରହିବ ନାହିଁ ।

**ଅଧ୍ୟାଦେଶ (Ordinance) -** ସଂସଦର ଅଧିବେଶନ ନଥିଲାବେଳେ ଯଦି କୌଣସି ଆଇନର ଜରୁରୀ ଆବଶ୍ୟକତା ପଡେ, ତେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ମଣ୍ଡଳର ପରାମର୍ଶକ୍ରମେ ଅଧ୍ୟାଦେଶ ବଳରେ ଏହା କାର୍ଯ୍ୟକାରୀ କରନ୍ତି । ଏହା ଆଇନଭଳି କାର୍ଯ୍ୟକରେ । କିନ୍ତୁ ସଂସଦର ଅଧିବେଶନ ଆରମ୍ଭ ହେଲାମାତ୍ରେ ଏହି ଅଧ୍ୟାଦେଶ ସଂସଦଦ୍ୱାରା ଗୃହୀତ ହେବା ଆବଶ୍ୟକ । ଯଦି କୌଣସି କାରଣରୁ ଏହା ଛଅ ସପ୍ତାହ ମଧ୍ୟରେ ସଂସଦଦ୍ୱାରା ଗୃହୀତ ନହୁଏ, ତେବେ ତାହା ଅକାମି ହୋଇଯାଏ ।

## (ଘ) ନ୍ୟାୟିକକ୍ଷମତା

ରାଷ୍ଟ୍ରମୁଖ୍ୟ ଭାବରେ ରାଷ୍ଟ୍ରପତିଙ୍କର କେତେକ ସ୍ୱତନ୍ତ୍ର ନ୍ୟାୟିକ ବିଶେଷାଧିକାର ରହିଛି । ତାଙ୍କର କ୍ଷମାଦେବା ଓ ଦଣ୍ଡାଦେଶ ହ୍ରାସ କରିବାର କ୍ଷମତା ରହିଛି । ଉଦାହରଣ ସ୍ୱରୂପ ରାଷ୍ଟ୍ରପତି ନ୍ୟାୟାଳୟ ବା ସାମରିକ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା କୌଣସି ଅପରାଧୀର ଦଣ୍ଡକୁ ନିଲମ୍ବିତ, ପରିବର୍ତ୍ତନ ଓ କ୍ଷମା କରିପାରନ୍ତି ।

### ପାଠଗତ ପ୍ରଶ୍ନାବଳୀ ୨୦.୧

୧. ଭାରତର ରାଷ୍ଟ୍ରପତି କିପରି ନିର୍ବାଚିତ ହୁଅନ୍ତି ?

୨. ଶୂନ୍ୟସ୍ଥାନ ପୂରଣ କର ।

(୧) ରାଷ୍ଟ୍ରପତି ________ ର ମୁଖ୍ୟ ଅଟନ୍ତି ।

(୨) ରାଷ୍ଟ୍ରପତି ପଦପାଇଁ ନିର୍ବାଚିତ ହେବାକୁ ଜଣେ ବ୍ୟକ୍ତିର ଯୋଗ୍ୟତା

(କ) ________ (ଖ)________ (ଗ) ________ (ଘ) ________

୩. ରାଷ୍ଟ୍ରପତି ପଦ ଖାଲି ପଡ଼ିଲେ ________ ଭାରତର ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରନ୍ତି ।

୪. ଭାରତର ରାଷ୍ଟ୍ରପତିଙ୍କର ଚାରୋଟି ମୁଖ୍ୟ କ୍ଷମତା

(କ) ________ (ଖ) ________ (ଗ)________ (ଘ) ________

୩. ଭାରତର ରାଷ୍ଟ୍ରପତି ଗୋଟିଏ ବର୍ଷରେ କେତେଥର ସଂସଦର ଅଧିବେଶନ ଡାକିବେ ? ଏହି ଅଧିବେଶନର ନାମ କ'ଣ ? (ତୁମେ ଏହି ସୂଚନା ଭାରତର ସମ୍ବିଧାନରୁ, ଇଣ୍ଟରନେଟ୍‌ରୁ କିମ୍ବା ତୁମ ଶିକ୍ଷକ, ସହପାଠୀ ବା ବନ୍ଧୁଙ୍କ ସହ ଆଲୋଚନା କରି ସଂଗ୍ରହ କରିବ।)

## ୨୦.୧.୩ ରାଷ୍ଟ୍ରପତି ଓ ଜରୁରୀକାଳୀନ କ୍ଷମତା

ଆମେମାନେ ଏ ପର୍ଯ୍ୟନ୍ତ ସାଧାରଣ ସମୟରେ ଭାରତର ରାଷ୍ଟ୍ରପତି ଯେଉଁ କ୍ଷମତା ଉପଭୋଗ କରନ୍ତି, ତାହା ଆଲୋଚନା କରୁଥିଲେ। ଏସବୁ କ୍ଷମତା ବ୍ୟତୀତ ଦେଶର କୌଣସି ଅସାଧାରଣ ପରିସ୍ଥିତିରେ ତାଙ୍କର କେତେକ ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ କ୍ଷମତା ଥାଏ, ଯାହାକୁ ଜରୁରୀକାଳୀନ କ୍ଷମତା କୁହାଯାଏ। ଦେଶରେ ସୃଷ୍ଟି ହେଉଥିବା କେତେକ ସ୍ୱତନ୍ତ୍ର ଅସାଧାରଣ କିମ୍ବା ଅସାମାନ୍ୟ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ସମ୍ବିଧାନରେ ଏହି କ୍ଷମତାର ବ୍ୟବସ୍ଥା କରାଯାଇଛି। ଏହି ପରିସ୍ଥିତି ଗୁଡ଼ିକ ହେଉଛି : -

*୧. ଯୁଦ୍ଧ ବା ବାହ୍ୟ ଆକ୍ରମଣ କିମ୍ବା ସଶସ୍ତ୍ର ବିଦ୍ରୋହ*

*୨. ଗୋଟିଏ ରାଜ୍ୟର ସାମ୍ବିଧାନିକ ବ୍ୟବସ୍ଥାରେ ବିଫଳତା*

*୩. ଆର୍ଥିକ ଜରୁରୀକାଳୀନ ପରିସ୍ଥିତି।*

### ୧. ଯୁଦ୍ଧା ବା ବାହ୍ୟ ଆକ୍ରମଣ କିମ୍ବା ସଶସ୍ତ୍ର ବିଦ୍ରୋହ

ଯଦି ରାଷ୍ଟ୍ରପତି ଅନୁଭବ କରନ୍ତି ଯେ, ଭାରତ ବା ତାର କୌଣସି ଅଂଶର ସୁରକ୍ଷା ପ୍ରତି ଯୁଦ୍ଧ, ବାହ୍ୟ ଆକ୍ରମଣ ବା ସଶସ୍ତ୍ର ବିଦ୍ରୋହଦ୍ୱାରା ବିପଦ ସୃଷ୍ଟି ହେବାର ସମ୍ଭାବନା ଅଛି, ତେବେ ତାଙ୍କ ଦ୍ୱାରା ଏ ପ୍ରକାର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଏ। ରାଷ୍ଟ୍ରପତି ଏପରି ଘୋଷଣା କରନ୍ତି, ଯେତେବେଳେ କେନ୍ଦ୍ରକ୍ୟାବିନେଟ (ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ)ର ଏ ସମ୍ପର୍କରେ ସିଦ୍ଧାନ୍ତ ତାଙ୍କୁ ଲିଖିତଭାବରେ ଜଣାଇ ଦିଆଯାଏ। ପ୍ରତ୍ୟେକ ଘୋଷଣା ସଂସଦର ଉଭୟ ଗୃହରେ ଉପସ୍ଥାପିତ ହୁଏ ଏବଂ ଯଦି ଏକମାସ ମଧ୍ୟରେ ତାହା ଗୃହୀତ ନହୁଏ, ତେବେ ଆପେ ଆପେ ନାକଚ ହୋଇଯାଏ। ଜରୁରୀକାଳୀନ ପରିସ୍ଥିତି ଘୋଷଣା ସହିତ କେନ୍ଦ୍ରସରକାର ରାଜ୍ୟସରକାର ମାନଙ୍କୁ ପ୍ରଶସନିକ କ୍ଷମତା ସମ୍ପର୍କରେ ନିର୍ଦ୍ଦେଶ ଦେଇପାରିବେ ଓ ସଂସଦ ମଧ୍ୟ ରାଜ୍ୟ ବିଧାନ ସଭାର ଆଇନ ପ୍ରଣୟନ କ୍ଷମତାରେ ହସ୍ତକ୍ଷେପ କରିପାରିବ। ରାଷ୍ଟ୍ରପତି ମଧ୍ୟ ମୌଳିକ ଅଧିକାରକୁ ବାତିଲ କରିବାପାଇଁ ଆଦେଶ ଦେଇପାରନ୍ତି।

### କାର୍ଯ୍ୟ - ୨୦.୧

୧୯୭୫ ମସିହାରେ ଭାରତର ଆଭ୍ୟନ୍ତରିଣ ନିରାପତ୍ତା ପ୍ରତି ବିପଦ ଅଛି ବୋଲି ରାଷ୍ଟ୍ରପତିଙ୍କ ଦ୍ୱାରା ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ସେତେବେଳେ ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଏହା ଏ ପର୍ଯ୍ୟନ୍ତ ବିବାଦୀୟ ହୋଇ ରହିଛି ଓ ଏବେ ମଧ୍ୟ କେତେକଲୋକ ଏହାକୁ ଗଣତାନ୍ତ୍ରିକ ଭାରତ ଇତିହାସରେ ଏକ କଳା ସମୟ ବୋଲି ବିବେଚନା କରନ୍ତି। ସେହି ଜରୁରୀକାଳୀନ ପରିସ୍ଥିତିର କାରଣ ସମ୍ପର୍କରେ ସୂଚନା ତୁମ ବହିରୁ, ଇଣ୍ଟରନେଟରୁ, ତୁମ ଶିକ୍ଷକ ଓ ଅନ୍ୟବୟସ୍କ ଲୋକଙ୍କଠାରୁ ସଂଗ୍ରହ କର।

(କ) ଏହି ସଂଗୃହିତ ସୂଚନା ଉପରେ ନିର୍ଭର କରି ତୁମେ କ'ଣ ଭାବୁଛ, ଜରୁରୀକାଳୀନ ପରିସ୍ଥିତି ଘୋଷଣା ଯୁକ୍ତିଯୁକ୍ତ ? ଅତିକମ୍‌ରେ ଦୁଇଟି କାରଣ ଦର୍ଶାଅ।

(ଖ) ଜରୁରୀକାଳୀନ ଅବସ୍ଥାକୁ ଅନୁଭବ କରିଥିବା ଲୋକମାନଙ୍କ ସହ ଆଲୋଚନା ଉପରେ ନିର୍ଭରକରି ଅତିକମ୍‌ରେ ଦୁଇଟି ଦିଗ ଲେଖ ଯେଉଁଥିରେ ଜରୁରୀକାଳୀନ ପରିସ୍ଥିତି କିପରି ସାଧାରଣ ନାଗରିକଙ୍କ ଜୀବନକୁ ପ୍ରଭାବିତ କରିଥିଲା।

(ଗ) ଦ୍ୱିତୀୟ ପ୍ରକାର ଜରୁରୀକାଳୀନ ଅବସ୍ଥାର ରାଜ୍ୟ ପରିସ୍ଥିତି ସହ ସମ୍ପର୍କ ରହିଛି। ଯେତେବେଳେ କୌଣସି ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଅଚଳ ହୋଇଯାଏ, ସେତେବେଳେ ଏହି ପ୍ରକାର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇପାରେ। ରାଜ୍ୟପାଳଙ୍କ ମତାମତ ବା ଅନ୍ୟକୌଣସି ସୂତ୍ରରୁ ଯଦି ରାଷ୍ଟ୍ରପତି ଅନୁଭବ କରନ୍ତି ଯେ, ରାଜ୍ୟ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ ପରିଚାଳିତ ହୋଇପାରିବ ନାହିଁ, ସେ ଜରୁରୀକାଳୀନ ଅବସ୍ଥା ଜାରୀ କରିପାରନ୍ତି। ଏହାକୁ ରାଷ୍ଟ୍ରପତି ଶାସନ କୁହାଯାଏ। ଏହି ଘୋଷଣାନାମା ଦୁଇମାସ ମଧ୍ୟରେ ସଂସଦର ଉଭୟ ଗୃହ ଦ୍ୱାରା ଗୃହୀତ ହେବା ଆବଶ୍ୟକ। ଯଦି ସଂସଦର ସ୍ୱୀକୃତି ନ ମିଳେ, ଏହା ଦୁଇମାସ ପରେ ଅଚଳ ହୋଇଯାଏ। ସଂସଦର ସ୍ୱୀକୃତିପରେ ଏହା ଅତିବେଶିରେ ଏକାଦିକ୍ରମେ ଛଅମାସ ଓ କୌଣସି ପ୍ରକାରେ ତିନିବର୍ଷରୁ ଅଧିକ ବଳବତ୍ତର ରହିପାରିବ ନାହିଁ। ଏହି ସମୟ ମଧ୍ୟରେ ଉକ୍ତ ରାଜ୍ୟର ବିଧାନସଭା ଭାଙ୍ଗିଯାଇପାରେ କିମ୍ବା ନିଲମ୍ବିତ କରାଯାଇପାରେ। ରାଜ୍ୟର ରାଜ୍ୟପାଳ ରାଷ୍ଟ୍ରପତିଙ୍କ ତରଫରୁ ସମସ୍ତ ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରନ୍ତି। ସଂସଦ ରାଜ୍ୟର ଆଇନପ୍ରଣୟନ କ୍ଷମତା ନିଜହାତକୁ ନିଏ।

## କାର୍ଯ୍ୟ - ୨୦.୨

ତୁମ ରାଜ୍ୟରେ ଜାରି ହୋଇଥିବା ଯେ କୌଣସି ଗୋଟିଏ ରାଷ୍ଟ୍ରପତି ଶାସନ ସମ୍ପର୍କରେ ସୂଚନା ସଂଗ୍ରହ କର। ଯଦି ତୁମ ରାଜ୍ୟରେ କେବେ ରାଷ୍ଟ୍ରପତି ଶାସନ ଜାରି ହୋଇନାହିଁ, ଅନ୍ୟ କୌଣସି ରାଜ୍ୟ ସମ୍ପର୍କରେ ସୂଚନା ସଂଗ୍ରହ କର। ସୂଚନା ପାଇବାପାଇଁ ତୁମର ବହି କିମ୍ବା ତୁମର ଶିକ୍ଷକ କିମ୍ବା ଇଣ୍ଟରନେଟ୍‌ର ସାହାଯ୍ୟ ନିଅ। ରାଷ୍ଟ୍ରପତି ଶାସନଜାରୀ ହେବାର ୨-୩ଟି କାରଣ ଲେଖ। ଯେଉଁ ସରକାରକୁ ଭାଙ୍ଗି ଦିଆଯାଇଥିଲା ସେ ପୁନର୍ବାର କ୍ଷମତାକୁ ଆସିଲା କି ?

୩. ତୃତୀୟ ପ୍ରକାର ଜରୁରୀ ପରିସ୍ଥିତିକୁ ଆର୍ଥିକ ଜରୁରୀ ପରିସ୍ଥିତି କୁହାଯାଏ। ଯେତେବେଳେ ଭାରତର କିମ୍ବା ଭାରତର କୌଣସି ଅଂଶର ଆର୍ଥିକ ସ୍ଥିତିରେ ସଂକଟ ଦେଖାଦିଏ, ସେହି ପରିସ୍ଥିତିରେ ଏହା ଘୋଷଣା କରାଯାଏ। ଅନ୍ୟଦୁଇ ଜରୁରୀକାଳୀନ ପରିସ୍ଥିତି ଭଳି ଏହାମଧ୍ୟ ଦୁଇମାସ ମଧ୍ୟରେ ସଂସଦ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ। ଥରେ ସଂସଦରେ ଅନୁମୋଦିତ ହେଲାପରେ ପ୍ରତ୍ୟାହାର ହେଲା ପର୍ଯ୍ୟନ୍ତ ଏହା ଅବିରତ ଲାଗୁ ରହିପାରେ। ଏହି ପରିସ୍ଥିତିରେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟ, ଉଚ୍ଚନ୍ୟାୟାଳୟର ବିଚାରପତିଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀଙ୍କର ବେତନ ହ୍ରାସ କରିପାରନ୍ତି। ଭାରତରେ ଏପର୍ଯ୍ୟନ୍ତ ଆର୍ଥିକ ଜରୁରୀ ପରିସ୍ଥିତି ଲାଗୁ ହୋଇନାହିଁ।

## ତୁମେ ଜାଣ କି

୧. ପ୍ରଥମ ପ୍ରକାର ଜରୁରୀକାଳୀନ ଅବସ୍ଥା ଚୀନ ଓ ଭାରତ ମଧ୍ୟରେ ବିବାଦ ଓ ଯୁଦ୍ଧପାଇଁ ପ୍ରଥମ ୧୯୬୨ ମସିହାରେ ଭାରତରେ ଘୋଷଣା କରାଯାଇଥିଲା। ୧୯୬୫ରେ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଏହା ଦ୍ୱିତୀୟଥର ପାଇଁ ଘୋଷଣା କରାଯାଇଥିଲା। ତୃତୀୟ ଜାତୀୟ ଜରୁରୀକାଳୀନ ଅବସ୍ଥା ୧୯୭୧ ମସିହାରେ ଘୋଷଣା କରାଯାଇଥିଲା। ଯେତେବେଳେ ଭାରତ ପୂର୍ବ ପାକିସ୍ତାନକୁ ଗୋଟିଏ ସ୍ୱାଧୀନ ରାଷ୍ଟ୍ର ବା ବାଙ୍ଗଲାଦେଶରେ ପରିଣତ କରିବାକୁ ସାହାଯ୍ୟ କରିଥିଲା। ଚତୁର୍ଥ ଥର ୧୯୭୫ରେ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଦେଶରେ ଆଭ୍ୟନ୍ତରୀଣ ଗଣ୍ଡଗୋଳ ପାଇଁ ରାଷ୍ଟ୍ରପତି ଶାସନ ଜାରୀ କରିବାକୁ ସୁପାରିଶ କରିଥିଲେ।

୨. ଦ୍ୱିତୀୟ ଶ୍ରେଣୀର ଜରୁରୀକାଳୀନ ଅବସ୍ଥା ଜାରି କରାଗଲେ, କେନ୍ଦ୍ର ସରକାରଙ୍କୁ କେତେକ ଅଧିକ କ୍ଷମତା ପ୍ରଦାନ କରାଯାଇଥାଏ। ଏ ପ୍ରକାର ପ୍ରଥମ ଜରୁରୀକାଳୀନ ଅବସ୍ଥା ୧୯୫୧ ମସିହାରେ

ପଞ୍ଜାବରେ ଜାରିକରାଯାଇଥିଲା ଏବଂ ତାପରେ ୧୯୫୯ରେ କେରଳରେ କରାଯାଇଥିଲା। ସମୟକ୍ରମେ ଏହି କ୍ଷମତା ବାରମ୍ବାର ବ୍ୟବହାର କରାଯାଉଛି। ଅଭିଯୋଗ କରାଯାଏ ଯେ, ରାଜ୍ୟରେ କେନ୍ଦ୍ରବ୍ୟତିରେକ ଅନ୍ୟଦଳ ଶାସନ କରୁଥିଲେ, ରାଜ୍ୟ ସରକାରକୁ ଭାଙ୍ଗିବାପାଇଁ ରାଷ୍ଟ୍ରପତି ଶାସନକୁ ବ୍ୟବହାର କରାଯାଉଛି। ଧାରା ( Article ) 356 ରେ ଏହିପ୍ରକାର ଜରୁରୀକାଳୀନ ଅବସ୍ଥାର ଆଲୋଚନା କରାଯାଇଛି, ଯାହାଦ୍ୱାରା କି ଭାରତରେ ଯେକୌଣସି ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁକରିବାର ବ୍ୟବସ୍ଥା ରହିଛି। ଯେତେବେଳେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଘୋଷଣା କରାଯାଏ, ରାଜ୍ୟର ନିର୍ବାଚିତ ସରକାରଙ୍କୁ ନିଲମ୍ବିତ କରାଯାଏ ଏବଂ ରାଜ୍ୟର ଶାସନ ସିଧାସଳଖ ରାଜ୍ୟପାଳଙ୍କ ଦ୍ୱାରା ପରିଚାଳନା କରାଯାଏ। Article - 356 ମଧ୍ୟ ବିବାଦୀୟ। କାରଣ କେତେକ ଲୋକ ଏହାକୁ ଅଗଣତାନ୍ତ୍ରିକ ବୋଲି କହନ୍ତି ଯେହେତୁ ଏହା କେନ୍ଦ୍ରକୁ ରାଜ୍ୟସରକାର ଉପରେ ଅଧିକ କ୍ଷମତା ପ୍ରଦାନ କରିଥାଏ। ୧୯୯୪ ମସିହାରେ ଏସ୍. ଆର୍. ବୋମାଇ ଓ କେନ୍ଦ୍ରସରକାରଙ୍କ ମଧ୍ୟରେ ହୋଇଥିବା ମକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟ Article - 356 ର ଦୁରୁପଯୋଗକୁ ସଂକୁଚିତ କରିଦେଇଥିଲା ଯାହାକି ରାଷ୍ଟ୍ରପତି ଶାସନ ଜାରୀ କରିବା ପାଇଁ ସବୁଠାରୁ ମାର୍ଗ ପ୍ରଦର୍ଶକ।

## ୨୦.୧.୪ ରାଷ୍ଟ୍ରପତିଙ୍କର ସ୍ଥିତି

ତୁମେ ଲକ୍ଷ୍ୟକରିଛ କି, ଯେତେବେଳେ କେନ୍ଦ୍ରସରକାରର କାର୍ଯ୍ୟକାରିତା ଉପରେ ସଂସଦ କିମ୍ବା ସମ୍ବାଦପତ୍ର କିମ୍ବା ଦୂରଦର୍ଶନରେ ଆଲୋଚନା କରାଯାଏ, ସେତେବେଳେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦର ଭୂମିକା ବିଷୟରେ ଆଲୋଚନା କରାଯାଏ କିନ୍ତୁ ପୂର୍ବରୁ ଆମେ ଦେଖୁଛୁ ଯେ, ସମ୍ବିଧାନରେ ସମସ୍ତ କାର୍ଯ୍ୟନିର୍ବାହୀ କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ। ତାଙ୍କର ବିସ୍ତୃତ ଜରୁରୀ କାଳୀନ କ୍ଷମତା ରହିଛି। ଏହାର ଅର୍ଥ କ'ଣ ସେ ସର୍ବ ଶକ୍ତିମାନ ? ନା ! ପ୍ରକୃତପକ୍ଷେ ରାଷ୍ଟ୍ରପତି ରାଷ୍ଟ୍ରର ନାମ ମାତ୍ର କାର୍ଯ୍ୟନିର୍ବାହୀ ଓ ସାମ୍ବିଧାନିକ ମୁଖ୍ୟ। ଏହା ଦ୍ୱିଧାହୀନଯେ, ସରକାର ତାଙ୍କ ନାମରେ ପରିଚାଳିତ ହୁଏ। କିନ୍ତୁ ଭାରତୀୟ ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ତାଙ୍କର ସମସ୍ତ କ୍ଷମତା ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ସାହାଯ୍ୟ ଓ ଉପଦେଶ ଅନୁସାରେ କାର୍ଯ୍ୟକାରୀ କରନ୍ତି। ତାହା କେବଳ ସାଧାରଣ ଉପଦେଶ ନୁହେଁ, ତାହା ବାଧ୍ୟତାମୂଳକ। ଏହା ସୂଚୀତକରେ ଯେ, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ କେନ୍ଦ୍ର ସରକାରରେ ପ୍ରକୃତ ଶାସକ। ସମସ୍ତ ସିଦ୍ଧାନ୍ତ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମଣ୍ଡଳ ଦ୍ୱାରା ନିଆଯାଏ। ସେ ସମସ୍ତ ସିଦ୍ଧାନ୍ତ ଜାଣିବାର ଅଧିକାର ରାଷ୍ଟ୍ରପତିଙ୍କର ଅଛି। ସେହିପରି ଜରୁରୀକାଳୀନ ଅବସ୍ଥା ମଧ୍ୟ ରାଷ୍ଟ୍ରପତିଙ୍କୁ କିଛି ପ୍ରକୃତ କ୍ଷମତା ପ୍ରଦାନ କରେନାହିଁ।

*"ଭାରତୀୟ ସମ୍ବିଧାନରେ ରାଷ୍ଟ୍ରପତି ଇଂଲଣ୍ଡ ସମ୍ବିଧାନର ରାଜା / ରାଣୀଙ୍କଭଳି ସ୍ଥାନ ଲାଭ କରନ୍ତି। ସେ ରାଷ୍ଟ୍ରମୁଖ୍ୟ କିନ୍ତୁ କାର୍ଯ୍ୟନିର୍ବାହୀ ମୁଖ୍ୟ ନୁହଁନ୍ତି। ସେ ରାଷ୍ଟ୍ରକୁ ପ୍ରତିନିଧିତ୍ୱ କରନ୍ତି, କିନ୍ତୁ ରାଷ୍ଟ୍ରକୁ ଶାସନ କରନ୍ତି ନାହିଁ। ସେ ରାଷ୍ଟ୍ରରେ ସୂଚକ। ଶାସନ କ୍ଷେତ୍ରରେ ତାଙ୍କର ସ୍ଥାନ ଏକ ଆଳଙ୍କାରିକ ମୁଖ୍ୟ, ଯାହା ମୋହରରେ ରାଷ୍ଟ୍ରରେ ସିଦ୍ଧାନ୍ତ ଘୋଷଣା କରାଯାଏ।"*

ଡଃ ବି.ଆର. ଆମ୍ବେଦକର ଭାରତର ସାମ୍ବିଧାନିକ ସଭାରେ



ଉପରୋକ୍ତ ଉଦ୍ଧୃତି ଅନୁସାରେ କେତେକ ସମ୍ବିଧାନବିତ୍ ବିଶ୍ୱାସ କରନ୍ତି ଯେ, ରାଷ୍ଟ୍ରପତିଙ୍କୁ "ରବର ଷ୍ଟାମ୍ପ" ସହିତ ତୁଳନା କରାଯାଇପାରେ। କିନ୍ତୁ ଏହି ସିଦ୍ଧାନ୍ତ ଠିକ୍ ନୁହେଁ। ରାଷ୍ଟ୍ରପତିଙ୍କୁ ସମ୍ବିଧାନର ସୁରକ୍ଷା ଦାୟିତ୍ୱ

ଅର୍ପଣ କରାଯାଇଛି। ସମ୍ବିଧାନ ଅନୁସାରେ ସେ ଗଣତାନ୍ତ୍ରିକ ବ୍ୟବସ୍ଥାର ରକ୍ଷକ। ଅନିଶ୍ଚିତ ରାଜନୈତିକ ପରିସ୍ଥିତିରେ ରାଷ୍ଟ୍ରପତି ସରକାର ଗଠନପାଇଁ ସିଦ୍ଧାନ୍ତମୂଳକ ପଦକ୍ଷେପ ନେଇଥାନ୍ତି। କେତେକ ଘଟଣାରେ ରାଷ୍ଟ୍ରପତି ନିଜର ସ୍ଥିତି ସମ୍ପର୍କରେ ସଚେତନ ହୁଅନ୍ତି। ପ୍ରକୃତପକ୍ଷେ କାର୍ଯ୍ୟକଳାବେଳେ ରାଷ୍ଟ୍ରପତି ଜଣେ ନାମମାତ୍ର କିମ୍ବା ସାମ୍ବିଧାନିକ ମୁଖ୍ୟ ଭାବରେ କାର୍ଯ୍ୟ କରନ୍ତି। ଏହା ସଠିକ୍‌ଭାବରେ କୁହାଯାଇପାରେ ଯେ, ଆମ ସମ୍ବିଧାନ ବ୍ୟବସ୍ଥାରେ ରାଷ୍ଟ୍ରପତି ସର୍ବୋଚ୍ଚ ସମ୍ମାନ ଓ ମର୍ଯ୍ୟାଦାର ଅଧିକାରୀ କିନ୍ତୁ ପ୍ରକୃତ କ୍ଷମତାର ଅଧିକାରୀ ନୁହଁନ୍ତି।

## ? ତୁମେ ଜାଣ କି

**ଉପରାଷ୍ଟ୍ରପତିଙ୍କ ବିଷୟରେ କେତେକ ତଥ୍ୟ:**

ଆମେ ଆଗରୁ ପଢ଼ିଛୁ ଯଦି ରାଷ୍ଟ୍ରପତିଙ୍କ ପଦତ୍ୟାଗ, ବିହଷ୍କାର ବା ମୃତ୍ୟୁ ପାଇଁ ଯଦି ରାଷ୍ଟ୍ରପତି ପଦ ଖାଲିପଡେ ତେବେ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଭାବରେ କାର୍ଯ୍ୟକରନ୍ତି। ସମ୍ବିଧାନ ଅନୁସାରେ ଉପରାଷ୍ଟ୍ରପତି ରାଜ୍ୟସଭାର Ex-Officio Chairman (ଅଧକ୍ଷ) ଭାବରେ କାର୍ଯ୍ୟକରନ୍ତି। Ex-Officio Chairman ଅର୍ଥ ସେ ଉପରାଷ୍ଟ୍ରପତି ପଦବଳରେ ଚେୟାରମ୍ୟାନ ଅଟନ୍ତି। ସଂସଦର ଉଭୟ ଗୃହର ସଦସ୍ୟମାନଙ୍କ ଦ୍ୱାରା ଗଠିତ ନିର୍ବାଚକ ମଣ୍ଡଳ ଦ୍ୱାରା ନିର୍ବାଚିତ ହୁଅନ୍ତି। ସେ ଆନୁପାତିକ ଭୋଟଦାନ ପଦ୍ଧତି ଓ ଗୁପ୍ତଭୋଟ ଦ୍ୱାରା ନିର୍ବାଚିତ ହୁଅନ୍ତି। ଉପରାଷ୍ଟ୍ରପତି ପଦପାଇଁ ଯୋଗ୍ୟତା ରାଷ୍ଟ୍ରପତି ପଦ ଯୋଗ୍ୟତା ସହ ସମାନ। ତାଙ୍କର ମୁଖ୍ୟକାର୍ଯ୍ୟ ହେଉଛି ରାଜ୍ୟସଭାର ଅଧକ୍ଷତା କରିବା ଯାହା ବାଚସ୍ପତି ଲୋକସଭାରେ କରନ୍ତି।

## ପାଠଗତ ପ୍ରଶ୍ନାବଳୀ ୨୦.୨

(i) ଦ୍ୱିତୀୟଶ୍ରେଣୀର ଜରୁରୀକାଳୀନ ଅବସ୍ଥା କିପରି ଭାବର ଜାରୀ କରାଯାଏ ? ରାଜ୍ୟ ଉପରେ ତାର ପ୍ରଭାବ କ'ଣ ?

(ii) ଜରୁରୀକାଳୀନ ଅବସ୍ଥା ଜାରି କରିବାରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ କ୍ୟାବିନେଟର ଭୂମିକା କ'ଣ ?

(iii) ମିଳିତ ସରକାର ଥିବା ସମୟରେ ରାଷ୍ଟ୍ରପତିଙ୍କ ସ୍ଥିତି ବିଶେଷଭାବରେ ପ୍ରଭାବଶାଳୀ। ଏଥିରେ ତୁମେ ଏକମତ କି ? କାରଣ ଦର୍ଶାଅ।

(iv) ନିମ୍ନଲିଖିତ ମଧ୍ୟରୁ କେଉଁଟି ଠିକ୍ ଓ କେଉଁଟି ଭୁଲ୍।

(କ) ରାଷ୍ଟ୍ରପତି ସରକାରର ପ୍ରକୃତ ମୁଖ୍ୟ ଅଟନ୍ତି।

(ଖ) ରାଷ୍ଟ୍ରପତି କେବଳ ଜଣେ ରବରଷ୍ଟାମ୍ପ।

(ଗ) ରାଷ୍ଟ୍ରପତି ଶାସନ କରନ୍ତି ନାହିଁ କି ରାଜତ୍ୱ କରନ୍ତି ନାହିଁ।

(ଘ) ରାଷ୍ଟ୍ରପତି ସମ୍ବିଧାନକୁ ସୁରକ୍ଷିତ ରଖନ୍ତି।

## ୨୦.୨ ପ୍ରଧାନମନ୍ତ୍ରୀ

ତୁମେ ଜାଣକି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ କିଏ? ହଁ, ଚା ଚା ନେହେରୁ ଓ ପୁରାନାମ ଜବାହରଲାଲ ନେହେରୁ। ସେ ଯେତେବେଳେ ଏହି ଗୁରୁତ୍ୱପୂର୍ଣ୍ଣ ପଦଗ୍ରହଣ କଲେ, ସେ କିପରି ଅନୁଭବ କରୁଥିବେ ବୋଲି ତୁମେ ଭାବୁଛ? ମନେପକାଅ ଯେ, ସେତେବେଳେ ଭାରତ ଖୁବ୍ ନିକଟରେ ଇଂରେଜ ଶାସନ କବଳରୁ ସ୍ୱାଧୀନତା ଲାଭ କରିଥିଲା। ସେ କ'ଣ କ'ଣ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ। ଚାଲଦେଖିବା ତାଙ୍କ ନିଜଭାଷାରେ ଲିଖିତ (ନିଜବହି) "ଭାରତର ଆବିଷ୍କାର" ପୁସ୍ତକରେ ଯାହା ଲେଖାଯାଇଛି। ଭାରତ ଗୋଟିଏ ଗରିବ ଦେଶ ନୁହେଁ। ତାକୁ ପ୍ରତ୍ୟେକ ଜିନିଷ ପ୍ରଚୁର ଯୋଗାଇ ଦିଆଯାଉଛି, ଯାହା କି ଏ ଦେଶକୁ ଧନୀ କରିଛି କିନ୍ତୁ ଏପର୍ଯ୍ୟନ୍ତ ଏହାର ଲୋକମାନେ ବହୁତ ଗରିବ – : ଭାରତରେ ପ୍ରାକୃତିକ ସମ୍ପଦ ରହିଛି ଓ ତତ୍‌ସହିତ ଦ୍ରୁତ ବେଗରେ ବୃଦ୍ଧି ଓ ଉନ୍ନତି କରିବା ପାଇଁ ନିପୁଣତା ଓ ଦକ୍ଷତା ରହିଛି।"

ସେ କହିଲେ "ଆମେମାନେ ସମାନତାପାଇଁ ଲକ୍ଷ୍ୟ ରଖିବା। ସମସ୍ତଙ୍କୁ କେବଳ ସମାନ ସୁବିଧା ଦିଆଯିବ ନାହିଁ, ବରଂ ଶିକ୍ଷା, ଆର୍ଥିକ ଓ ସାଂସ୍କୃତିକ କ୍ଷେତ୍ରରେ ପଛୁଆ ଶ୍ରେଣୀର ଲୋକଙ୍କୁ ସ୍ୱତନ୍ତ୍ର ସୁଯୋଗ ପ୍ରଦାନକରି ତାଙ୍କଠାରୁ ଆଗୁଆଥିବା ଲୋକଙ୍କ ସହ ସମାନ ହେବାକୁ ସକ୍ଷମ କରିପାରିବେ। ଭାରତର ସମସ୍ତଙ୍କ ପାଇଁ ସୁଯୋଗର ଦ୍ୱାର ଖୋଲିବାକୁ ଏଭଳି ଯେକୌଣସି ଉଦ୍ୟମ ଦେଶକୁ ଦ୍ରୁତବେଗରେ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦେବ।" ନେହେରୁ ଅନୁଭବ କରୁଥିଲେ, ଦେଶକୁ ଆଗେଇ ନେବାପାଇଁ ତାଙ୍କର ବିଶେଷ ଦାୟିତ୍ୱ ରହିଛି। କାରଣ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଯଦି ତୁମେ ଦୂରଦର୍ଶନ ବା ରେଡିଓରୁ ସମ୍ବାଦ ଶୁଣିବ, ତୁମେ ଏବେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ନାମ କେନ୍ଦ୍ରସରକାରରେ ଅନ୍ୟମାନଙ୍କଠାରୁ ଅଧିକ ଶୁଣିବାକୁ ପାଇବ। ପ୍ରକୃତପକ୍ଷେ ପ୍ରଧାନମନ୍ତ୍ରୀ କେନ୍ଦ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଆପଣ ସମ୍ବିଧାନ ପଢ଼ିଲେ, ଆପଣଙ୍କର ଅଲଗା ଧାରଣା ସୃଷ୍ଟିହେବ କାରଣ ସମସ୍ତ କ୍ଷମତା ରାଷ୍ଟ୍ରପତିଙ୍କ କ୍ଷମତା ବୋଲି ଲେଖାଯାଇଛି। କିନ୍ତୁ ଗୋଟିଏ ବ୍ୟବସ୍ଥା ପରିସ୍ଥିତିକୁ ବଦଳାଇ ଦେଉଛି। ସମ୍ବିଧାନ ଅନୁସାରେ ରାଷ୍ଟ୍ରପତିଙ୍କୁ ସାହାଯ୍ୟ କରିବା ଓ ପରାମର୍ଶ ଦେବାପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ ଏକ ମନ୍ତ୍ରୀ ପରିଷଦ ରହିଛି ଏବଂ ସେ ଏହି ଉପଦେଶ ଅନୁସାରେ କାର୍ଯ୍ୟକରନ୍ତି। ପ୍ରକୃତପକ୍ଷେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ ମନ୍ତ୍ରୀମଣ୍ଡଳର ଉପଦେଶ ଅନୁସାରେ କାର୍ଯ୍ୟକରିବାକୁ ବାଧ। ପ୍ରଧାନମନ୍ତ୍ରୀ କେନ୍ଦ୍ରପ୍ରଶାସନରେ ପ୍ରକୃତ ମୁଖ୍ୟ ଅଟନ୍ତି।

ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି। କିନ୍ତୁ ରାଷ୍ଟ୍ରପତି ଲୋକସଭାର ସଂଖ୍ୟାଗରିଷ୍ଠ ଦଳର ନେତାଙ୍କୁ ପ୍ରଧାନମନ୍ତ୍ରୀ ହେବାପାଇଁ ଆମନ୍ତ୍ରଣ କରନ୍ତି। ଯାହାଙ୍କୁ ପ୍ରଧାନମନ୍ତ୍ରୀ ପଦପାଇଁ ଆମନ୍ତ୍ରଣ କରାଯାଏ, ସେ ଲୋକସଭାରେ ସଂପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଥିବା ରାଜନୈତିକ ଦଳର ନେତା ଅଟନ୍ତି କିମ୍ବା ଯେତେବେଳେ ମିଳିତ ସରକାର ଗଠନ କରାଯାଏ, ସେତେବେଳେ ସେ ଏକତ୍ର ମିଳିତ ହୋଇଥିବା ଗୋଟିକରୁ ଅଧିକ ରାଜନୈତିକ ଦଳର ନେତା ଅଟନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ରାଷ୍ଟ୍ରପତି ଲୋକସଭାରେ ସବୁଠାରୁ ଅଧିକ ସଦସ୍ୟଥିବା ଦଳର ନେତା ଯେ କି ଅନ୍ୟରାଜନୈତିକ ଦଳର ସମର୍ଥନରେ ନିଜର ଆବଶ୍ୟକ ସଂଖ୍ୟାଗରିଷ୍ଠତା ପ୍ରତିପାଦନ କରିପାରିବେ, ତାଙ୍କୁ ଆମନ୍ତ୍ରଣ କରନ୍ତି। ପ୍ରଧାନମନ୍ତ୍ରୀ ଲୋକସଭାର ସଂଖ୍ୟାଗରିଷ୍ଠ ଦଳର ନେତା ହେବା ସହିତ ଜଣେ ସାଂସଦ ହେବା ଆବଶ୍ୟକ। ଯଦି ନିଯୁକ୍ତିସମୟରେ ସଂସଦର ସଦସ୍ୟ ହୋଇନଥାନ୍ତି, ତେବେ ପ୍ରଧାନମନ୍ତ୍ରୀ ନିଯୁକ୍ତିର ୬ ମାସ ମଧ୍ୟରେ ସଂସଦକୁ ନିର୍ବାଚିତ ହେବା ଆବଶ୍ୟକ।

## ତୁମେ ଜାଣ କି

ଯେଉଁ ସରକାର ଗୋଟିଏରୁ ଅଧିକ ରାଜନୈତିକ ଦଳର ସାଂସଦଙ୍କୁ ନେଇ ଗଠନ କରାଯାଇଥାଏ, ତାକୁ ମିଳିତ ସରକାର କହନ୍ତି । ଭାରତର ମିଳିତ ସରକାରର ସମୟ ୧୯୭୬ ସାଧାରଣ ନିର୍ବାଚନପରେ ଆରମ୍ଭ ହେଲା ଯେତେବେଳେ ଭାରତର ବିଭିନ୍ନ ରାଜ୍ୟରେ କଂଗ୍ରେସ ବିରୋଧି ରାଜନୈତିକ ଦଳମାନଙ୍କ ଦ୍ୱାରା ମିଳିତ ସରକାର ଗଠିତ ହୋଇଥିଲା । କେନ୍ଦ୍ରରେ ଏହା ୧୯୭୬ ନିର୍ବାଚନ ପରେ ଜନତାଦଳ ସରକାର ଗଠନ ସମୟରେ ଆରମ୍ଭ ହେଲା । ନିମ୍ନଲିଖିତ ମିଳିତ ସରକାର ଗଠିତ ହୋଇଥିଲା (ଏଠାରେ ପ୍ରଧାନମନ୍ତ୍ରୀମାନଙ୍କ ନାମ ପ୍ରଦତ୍ତ ହୋଇଛି) ।

| | | | | | | |
|---|---|---|---|---|---|---|
| ପ୍ରଥମ- | ମୋରାଜୀ ଦେଶାଇ | - | ୧୯୭୭-୧୯୭୯ | ଦ୍ୱିତୀୟ- | ଚୌଧୁରୀ ଚରଣ ସିଂହ | -୧୯୭୯-୧୯୮୦ |
| ତୃତୀୟ- | ଭି.ପି. ସିଂ | - | ୧୯୮୯ - ୧୯୯୦ | ଚତୁର୍ଥ - | ଚନ୍ଦ୍ରଶେଖର-୧୯୯୦ | - ୧୯୯୧ |
| ପଞ୍ଚମ- | ଏ.ବି. ବାଜପେୟୀ | - | ୧୯୯୬ - ୧୯୯୬ | ଷଷ୍ଠ - | ଏଚ୍.ଡି.ଦେବଗୌଡା | -୧୯୯୬-୧୯୯୯ |
| ସପ୍ତମ- | ଆଇ.କେ.ଗୁଜରାଲ | - | ୧୯୯୭ - ୧୯୯୮ | ଅଷ୍ଟମ- | ଏ.ବି.ବାଜପେୟୀ | -୧୯୯୮-୧୯୯୯ |
| ନବମ- | ଏ.ବି.ବାଜପେୟୀ | - | ୧୯୯୯ - ୨୦୦୪ | ଦଶମ- | ମନମୋହନ ସିଂହ | -୨୦୦୪-୨୦୦୯ |
| ଏକାଦଶ- | ମନମୋହନ ସିଂହ | - | ୨୦୦୯ - | | | |

(ଏନ୍.ଡି.ଏ) ଓ (ୟୁ.ପି.ଏ) ହେଉଛି ମୁଖ୍ୟ ମିଳିତ ସରକାର ଯାହାର ନେତୃତ୍ୱ ଯଥାକ୍ରମେ ବି.ଜେ.ପି. ଓ କଂଗ୍ରେସ ନେଇଥିଲେ ।

## ୨୦.୨.୧ ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟ:

ଏହାଏକ କୌତୁହଳର ବିଷୟ ନୁହେଁ କି, କେନ୍ଦ୍ରସରକାରରେ ପ୍ରଧାନମନ୍ତ୍ରୀ ସବୁଠାରୁ ଅଧିକ କ୍ଷମତାଶାଳୀ କାର୍ଯ୍ୟନିର୍ବାହୀ ହେଲେ ମଧ ସମ୍ବିଧାନରେ ପ୍ରଧାନମନ୍ତ୍ରୀଙ୍କ କ୍ଷମତାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନାହିଁ । କେବଳ ଏତିକି ବ୍ୟବସ୍ଥା ସମ୍ବିଧାନରେ ରହିଛି ଯେ, ରାଷ୍ଟ୍ରପତି ତାଙ୍କର ସମସ୍ତ କ୍ଷମତା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରୀମଣ୍ଡଳର ସାହାଯ୍ୟ ଓ ଉପଦେଶ ଦ୍ୱାରା କାର୍ଯ୍ୟକାରୀ କରନ୍ତି ଏବଂ ଏହି ଉପଦେଶ ବାଧ୍ୟତାମୂଳକ ଅଟେ । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଦେଖାଯାଏ ଯେ, ପ୍ରଧାନମନ୍ତ୍ରୀ ହିଁ ମନ୍ତ୍ରୀମଣ୍ଡଳର ଗଠନ ଓ ଭାଙ୍ଗିବା କାର୍ଯ୍ୟ କରିଥାନ୍ତି । ତାଙ୍କ ପରାମର୍ଶ ଅନୁସାରେ  ରାଷ୍ଟ୍ରପତି ମନ୍ତ୍ରୀପରିଷଦର ସଦସ୍ୟମାନଙ୍କୁ ନିଯୁକ୍ତି ଦିଅନ୍ତି ଓ ତାଙ୍କର ବିଭାଗ ବଣ୍ଟନ କରନ୍ତି । ସେ କ୍ୟାବିନେଟ  ସଭାରେ ସଭାପତିତ୍ୱ କରନ୍ତି ଓ ଏହାର ନିଷ୍ପତ୍ତି ରାଷ୍ଟ୍ରପତିଙ୍କୁ ଅବଗତ କରାନ୍ତି । ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ମନ୍ତ୍ରୀ ପରିଷଦ ମଧ୍ୟରେ ସଂଯୋଗ ଅଟନ୍ତି । ଯଦି କୌଣସି କାରଣରୁ ପ୍ରଧାନମନ୍ତ୍ରୀ ଇସ୍ତଫା ପ୍ରଦାନ କରନ୍ତି, ସମ୍ପୂର୍ଣ୍ଣ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଏ । ଯେତେବେଳେ ଆବଶ୍ୟକ ପଡେ, ଲୋକସଭା ଭାଙ୍ଗିଦେଇ ପୁନର୍ବାର ସାଧାରଣ ନିର୍ବାଚନ କରିବାପାଇଁ ସେ ରାଷ୍ଟ୍ରପତିଙ୍କୁ ସୁପାରିଶ କରିପାରନ୍ତି । ପ୍ରକୃତପକ୍ଷେ ପ୍ରଧାନମନ୍ତ୍ରୀ କେବଳ ସଂଖ୍ୟାଗରିଷ୍ଠ ଦଳର ନେତା ନୁହଁନ୍ତି, ସେ ସଂସଦର ନେତା ଓ ସମୁଦାୟ ରାଷ୍ଟ୍ରର ନେତା ଅଟନ୍ତି । ତାଙ୍କର କାର୍ଯ୍ୟାଳୟ କ୍ଷମତାର କାର୍ଯ୍ୟାଳୟ କିନ୍ତୁ ରାଷ୍ଟ୍ରପତିଙ୍କର ସମ୍ମାନ ଓ ମର୍ଯ୍ୟାଦାର କାର୍ଯ୍ୟାଳୟ । ପ୍ରଧାନମନ୍ତ୍ରୀ ଯୋଜନା ଆୟୋଗର ଓ ରାଷ୍ଟ୍ରୀୟ ଉନ୍ନୟନ ପରିଷଦର (Ex-Officeo Chairman) ସେ ସରକାରର ମୁଖ୍ୟମାନଙ୍କର ଆନ୍ତରାଷ୍ଟ୍ରୀୟ ଆଲୋଚନା ଚକ୍ର ଗୁଡିକରେ ଦେଶର ପ୍ରତିନିଧିତ୍ୱ କରନ୍ତି ।



ଚିତ୍ର - ୨୦.୪
୨୦୦୯ ମସିହାର ଶପଥ ଗ୍ରହଣପରେ ମନ୍ତ୍ରୀପରିଷଦର ସଦସ୍ୟଗଣ

## ୨୦.୨.୨ କେନ୍ଦ୍ରମନ୍ତ୍ରୀ ପରିଷଦ :

ତୁମେ ପୂର୍ବରୁ ପଢ଼ିଛ, ଭାରତର ସମ୍ବିଧାନ ଘୋଷଣା କରେ ଯେ, ରାଷ୍ଟ୍ରପତିଙ୍କୁ ସହଯୋଗ କରିବା ଏବଂ ପରାମର୍ଶ ଦେବାପାଇଁ ପ୍ରଧାମନ୍ତ୍ରୀଙ୍କ ନେତୃତ୍ୱାଧିନ ଏକମନ୍ତ୍ରୀ ପରିଷଦ ରହିଛି ଏବଂ ରାଷ୍ଟ୍ରପତି ଏହାର ପରାମର୍ଶ ଅନୁସାରେ କାର୍ଯ୍ୟ କରିଥାନ୍ତି। ରାଷ୍ଟ୍ରପତି ମନ୍ତ୍ରୀ ପରିଷଦକୁ ଏହି ଉପଦେଶର ପୁନର୍ବିଚାର ପାଇଁ କହିପାରନ୍ତି। କିନ୍ତୁ ଏହି ପୁନର୍ବିଚାର ପରେ ପଠାଯାଇଥିବା ଉପଦେଶ ଅନୁସାରେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ବାଧ।

ମନ୍ତ୍ରୀପରିଷଦର ସଦସ୍ୟମାନେ ପ୍ରଧାମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି। ମନ୍ତ୍ରୀ ପରିଷଦ ତିନୋଟି ଭିନ୍ନ ପାହ୍ୟାରମନ୍ତ୍ରୀଙ୍କୁ ନେଇ ଗଠିତ। ଯଥା କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ। ମନ୍ତ୍ରୀ ପରିଷଦ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗୋଟିଏ ଦଳରେ କାର୍ଯ୍ୟକରିଥାଏ। ରାଷ୍ଟ୍ରପତି ସନ୍ତୁଷ୍ଟଥିବା ପର୍ଯ୍ୟନ୍ତ ମନ୍ତ୍ରୀପରିଷଦ ତାଙ୍କର ପଦରେ ରହନ୍ତି କିନ୍ତୁ ଯେପର୍ଯ୍ୟନ୍ତ ସେମାନଙ୍କ ପ୍ରତି ଲୋକସଭାର ସଂଖ୍ୟାଗରିଷ୍ଠ ସଭ୍ୟଙ୍କର ସମର୍ଥନ ଥାଏ, ସେ ପର୍ଯ୍ୟନ୍ତ ସେମାନେ ବହିଷ୍କୃତ ହୋଇପାରିବେ ନାହିଁ। ବସ୍ତୁତଃ ସମ୍ବିଧାନ ଅନୁସାରେ ମନ୍ତ୍ରୀମାନେ ସାମୁହିକ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ। ଯଦି ଲୋକସଭା ଏକ ଅନାସ୍ଥା ପ୍ରସ୍ତାବ ପାରିତକରେ ତେବେ ପ୍ରଧାନମନ୍ତ୍ରୀଙ୍କ ସହିତ ସମଗ୍ର ମନ୍ତ୍ରୀପରିଷଦ ଇସ୍ତଫା ଦେବାକୁ ପଡିଥାଏ। ଅନାସ୍ଥାପ୍ରସ୍ତାବ ହେଉଛି ଏକ ଆଇନଗତ ପ୍ରସ୍ତାବ ଯାହା ଲୋକସଭାର ସଦସ୍ୟଙ୍କ ଦ୍ୱାରା ମନ୍ତ୍ରୀପରିଷଦ ଉପରେ ଅବିଶ୍ୱାସକୁ ଦର୍ଶାଇ ଆଗତ ହୁଏ। ସେଥିପାଇଁ କୁହାଯାଇଛି ମନ୍ତ୍ରୀମାନେ ଏକତ୍ର ପହଁରନ୍ତି ଓ ଏକତ୍ର ବୁଡନ୍ତି। ମନ୍ତ୍ରୀ ପରିଷଦର କାର୍ଯ୍ୟ ସମ୍ପର୍କରେ କୁହାଯାଇଛି ଯେ, ଏହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟସହ ସମାନ। କ୍ୟାବିନେଟ୍ ଓ ମନ୍ତ୍ରୀପରିଷଦର କାର୍ଯ୍ୟକ୍ରମ ଗୁପ୍ତ ରଖାଯାଏ। ମନ୍ତ୍ରୀ ପରିଷଦ ବହୁସଂଖ୍ୟାରେ ମନ୍ତ୍ରୀଙ୍କୁ ନେଇଗଠିତ। ବର୍ତ୍ତମାନ ସମୟରେ ଆମେମାନେ ଦେଖୁ ଯେ, ମନ୍ତ୍ରୀପରିଷଦର ସର୍ବୋଚ୍ଚ ଶ୍ରେଣୀ ଯାହାକୁ କ୍ୟାବିନେଟ୍ କୁହାଯାଏ, ସେମାନଙ୍କ ସଂଖ୍ୟା ୨୦-୨୫ ଏବଂ ସେମାନେ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଥାଆନ୍ତି। ଅନ୍ୟଗୋଟିଏ ଗୋଷ୍ଠୀର ମନ୍ତ୍ରୀଙ୍କୁ ରାଷ୍ଟ୍ରମନ୍ତ୍ରୀ କୁହାଯାଏ। ସେମାନଙ୍କ ମଧ୍ୟରୁ କେତେକ ସ୍ୱତନ୍ତ୍ର ବିଭାଗ ଦାୟିତ୍ୱରେ ଥାଆନ୍ତି ଓ ଅନ୍ୟମାନେ କ୍ୟାବିନେଟ୍ ମନ୍ତ୍ରୀଙ୍କ

ଅଧିନରେ କାର୍ଯ୍ୟ କରନ୍ତି । ଅନ୍ୟଗୋଟିଏ ସ୍ତରର ମନ୍ତ୍ରୀଙ୍କୁ ଉପମନ୍ତ୍ରୀ କହନ୍ତି ଓ ସେମାନେ କ୍ୟାବିନେଟ୍ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀଙ୍କ ଅଧିନରେ କାର୍ଯ୍ୟ କରନ୍ତି । କେବଳ କ୍ୟାବିନେଟ ସ୍ତରର ମନ୍ତ୍ରୀମାନେ କ୍ୟାବିନେଟ୍ ମିଟିଂ (ସଭା)ରେ ଯୋଗ ଦିଅନ୍ତି । କିନ୍ତୁ ଆବଶ୍ୟକ ପଡିଲେ, ରାଷ୍ଟ୍ରମନ୍ତ୍ରୀମାନେ ମଧ୍ୟ ଏହି ସଭାକୁ ନିମନ୍ତ୍ରିତ ହୋଇଥାନ୍ତି ।

### ୨୦.୨.୩ ପ୍ରଧାନମନ୍ତ୍ରୀଙ୍କ ସ୍ଥିତି:

ଉପରୋକ୍ତ ଆଲୋଚନା ପୃଷ୍ଠଭୂମିରେ ଏହା ସ୍ପଷ୍ଟ ଯେ, ପ୍ରଧାନମନ୍ତ୍ରୀ କେନ୍ଦ୍ରସରକାରରେ ମୁଖ୍ୟସ୍ଥାନର ଅଧିକାରୀ । ସେ ସଂସଦରେ ମୁଖ୍ୟପ୍ରବକ୍ତା ଓ ସରକାରଙ୍କ ନୀତିର ସୁରକ୍ଷାଦାତା । ମନ୍ତ୍ରୀ ପରିଷଦ ତାଙ୍କର ଦଳ ଭାବରେ କାର୍ଯ୍ୟକରେ । ଆବଶ୍ୟକୀୟ ନୀତିନିୟମ ପ୍ରଣୟନ ଓ କାର୍ଯ୍ୟକାରିତା ପାଇଁ ଦେଶ ତାଙ୍କ ଉପରେ ନିର୍ଭର କରେ । ଅନ୍ୟଦେଶ ସହିତ ସମସ୍ତ ବୈଦେଶିକ ଚୁକ୍ତି ପ୍ରଧାନମନ୍ତ୍ରୀଙ୍କ ସହମତିରେ ସ୍ୱାକ୍ଷରିତ ହୁଏ । ସରକାର ଓ ସଂସଦରେ ତାଙ୍କର ସ୍ୱତନ୍ତ୍ର ସ୍ଥାନରହିଛି । ପ୍ରଧାନମନ୍ତ୍ରୀ ତାଙ୍କର ଦଳ (ମନ୍ତ୍ରୀପରିଷଦ) ଖୁବ୍ ସାବଧାନତାର ସହ ବାଛନ୍ତି ଏବଂ ସେମାନଙ୍କଠାରୁ ସ୍ୱତଃପ୍ରବୃତ୍ତ ସହଯୋଗ ଲାଭ କରନ୍ତି । ଏହା ସତ୍ୟ ଯେ, ଗୋଟିଏ ମିଳିତ ସରକାରରେ ପ୍ରଧାନମନ୍ତ୍ରୀ ସମଭାବାପନ୍ନ ରାଜନୈତିକ ଦଳର ସହଯୋଗ ଚାହିଁଥାଆନ୍ତି । ବିଗତ ୧୦-୧୨ବର୍ଷର ଅନୁଭୂତିରୁ ଜଣାଯାଏ ଯେ, ଏଭଳି ପରିସ୍ଥିତିରେ ତାଙ୍କୁ ତୀକ୍ଷ୍ଣଦୃଷ୍ଟି ଓ କୂଟନୀତି ସମ୍ପନ୍ନ ହେବାକୁ ପଡିବ । ତାଙ୍କୁ ଦେଶର ସାମରିକ ବିଭାଗ ଓ ସୁରକ୍ଷା ସମ୍ପର୍କୀୟ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ହୁଏ । ଉନ୍ନତ ବାସୋପଯୋଗୀ ଅବସ୍ଥା ସୃଷ୍ଟି କରିବା ସହିତ ପଡୋଶୀଦେଶ ସହ ଶାନ୍ତି ଓ ବନ୍ଧୁତା ବଜାୟ ରଖିବାପାଇଁ ତାଙ୍କୁ ଆଇନ ପ୍ରଣୟନ କରିବାକୁ ପଡେ । ଉପରଲିଖିତ ବିଷୟ ବସ୍ତୁ କାରଣରୁ ପ୍ରଧାନମନ୍ତ୍ରୀଙ୍କୁ "Key stone of the Cabinatarch" ( ମନ୍ତ୍ରୀପରିଷଦର ମୁଖ୍ୟ) କୁହାଯାଏ ।

### କାର୍ଯ୍ୟ ୨୦.୩

ଗତ ଗୋଟିଏ ବା ଦୁଇଟି ସପ୍ତାହର ସମ୍ବାଦପତ୍ର ପଢ଼ କିମ୍ବା ଦୂରଶର୍ଦ୍ଦନରେ ଦେଶର ରାଜନୈତିକ ସାମରିକ ଓ ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ହୋଇଥିବା କେତୋଟି ଆଲୋଚନା ସଂଗ୍ରହ କର । ନିମ୍ନଲିଖିତ ପ୍ରଶ୍ନଗୁଡିକ ଚିନ୍ତାକରି ଉତ୍ତର ଦିଅ ।

(i) ସମ୍ବାଦପତ୍ର ଓ ଦୂରଦର୍ଶନରେ ଆଲୋଚିତ ହେଉଥିବା ଦୁଇଟି ମୁଖ୍ୟ ସମସ୍ୟା କ'ଣ ?

(ii) ପ୍ରଧାନମନ୍ତ୍ରୀ / ମନ୍ତ୍ରୀଗଣ କିମ୍ବା ସରକାରଙ୍କ ପ୍ରବକ୍ତାମାନେ ଯେଉଁ ମତାମତ ଦେଲେ, ସେଥିରେ ତୁମେ ସନ୍ତୁଷ୍ଟ କି ?

(iii) ତୁମ ମତରେ ସେହି ସମସ୍ୟା ସମାଧାନପାଇଁ ପ୍ରଧାନମନ୍ତ୍ରୀ କ'ଣ କରିବା ଉଚିତ ?

### ପାଠଗତ ପ୍ରଶ୍ନାବଳୀ : ୨୦.୩

୧. ଶୂନ୍ୟସ୍ଥାନ ପୂରଣ କର

(କ) ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ ମନ୍ତ୍ରୀପରିଷଦ ____________ ଅଟେ ।

(ଖ) ଯେଉଁବ୍ୟକ୍ତି ____________ ର ____________ ଭାବରେ ନିର୍ବାଚିତ ହୁଅନ୍ତି, ତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ପଦପାଇଁ ଆମନ୍ତ୍ରଣ କରନ୍ତି ।

(ଗ) ପ୍ରଧାନମନ୍ତ୍ରୀ __________ ର __________ ମୁଖ୍ୟ ଅଟନ୍ତି।

(ଘ) __________ ଙ୍କ ପରାମର୍ଶରେ ରାଷ୍ଟ୍ରପତି ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି।

୨. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ।

(କ) ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀପରିଷଦ ସମୟସୀମା ଶେଷହେବା ପୂର୍ବରୁ କିପରି ପଦତ୍ୟାଗ କରନ୍ତି ?

(ଖ) କିଏ ମନ୍ତ୍ରୀପରିଷଦ ଓ ରାଷ୍ଟ୍ରପତିଙ୍କ ଯୋଗସୂତ୍ର ରକ୍ଷା କରନ୍ତି ?

(ଗ) ମନ୍ତ୍ରୀପରିଷଦର ତିନୋଟି ସ୍ତରର ମନ୍ତ୍ରୀ ମାନଙ୍କ ନାମ ଲେଖ ?

(ଘ) କିଏ କ୍ୟାବିନେଟ୍ ସଭାରେ ସଭାପତିତ୍ୱ କରନ୍ତି।

## କାର୍ଯ୍ୟ - ୨୦.୪

ଗୋଟିଏ ଦେଶର ପ୍ରଧାନମନ୍ତ୍ରୀଙ୍କର ଅନେକଗୁଡ଼ିକ ନେତୃତ୍ୱ ନେବାର ଗୁଣଥିବ। ଜଣେଭଲ ନେତାର ଗୁଣ କ'ଣ ହେବା ଉଚିତ୍ ବୋଲି ତୁମେ ଭାବୁଛ ? ଭାରତର ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କର ସେ ଗୁଣଗୁଡ଼ିକ ଅଛିକି ପରୀକ୍ଷାକରି ଦେଖ। ତୁମ ପାଖରେ ସେଥିରୁ କେଉଁ ନେତୃତ୍ୱ ନେବାର ଗୁଣ ଅଛି ଲକ୍ଷ୍ୟ କର।

| ଜଣେ ନେତାର ଗୁଣ | ପ୍ରଧାନ ମନ୍ତ୍ରୀଙ୍କ ପାଖରେ √ ଚିହ୍ନ ଦିଅ | ତୁମ ପାଖରେ ଥିବା ଗୁଣର √ଚିହ୍ନ ଦିଅ |
|---|---|---|
| | | |
| | | |
| | | |

## ୨୦.୦୩ ସଂସଦ

ତଳେ ଦିଆଯାଇଥିବା ଚିତ୍ରଟିକୁ ତୁମେ ଚିହ୍ନି ପାରୁଛ କି ? ହଁ, ଏହା ସଂସଦ ଭବନ। କେନ୍ଦ୍ରସରକାରର ଆଇନପ୍ରଣୟନ ବିଭାଗକୁ ସଂସଦ କୁହାଯାଏ। ଏହା ରାଷ୍ଟ୍ରପତି, ସଂସଦର ଦୁଇଟି ସଦନ ଯଥା ଲୋକସଭା ଓ ରାଜ୍ୟସଭାକୁ ନେଇ ଗଠିତ। ସଂସଦୀୟ ଶାସନ ପଦ୍ଧତିର ନୀତି ଓ ପ୍ରଥା ଅନୁସାରେ ରାଷ୍ଟ୍ରପତି ସଂସଦର ଏକ ଅଂଶ। ବର୍ତ୍ତମାନ ଆମେ ସଂସଦର ଉଭୟ ସଦନର ଗଠନ, କ୍ଷମତା ଓ କାର୍ଯ୍ୟ ବିଷୟରେ ଆଲୋଚନା କରିବା।



ଚିତ୍ର - ୨୦.୫ - ଭାରତର ସଂସଦଭବନ

## ୨୦.୩.୧ ଲୋକସଭା

ଲୋକସଭାକୁ ନିମ୍ନ ସଦନ କୁହାଯାଏ। ଏହା ଲୋକମାନଙ୍କର ପ୍ରତିନିଧିତ୍ୱ କରୁଥିବା ଅଙ୍ଗ। ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷଭାବରେ ଭାରତର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି। ଏହାର ସଭ୍ୟସଂଖ୍ୟା ୫୫୦ରୁ ଅଧିକ ହେବନାହିଁ। ସେମାନଙ୍କ ମଧ୍ୟରୁ ୫୩୦ଜଣ ପ୍ରତ୍ୟକ୍ଷ ଭାବରେ ରାଜ୍ୟର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ଏବଂ ଅବଶିଷ୍ଟ ୨୦ଜଣ କେନ୍ଦ୍ର ଶାସିତ ଅଞ୍ଚଳରୁ ନିର୍ବାଚିତ ହୁଅନ୍ତି। ୧୮ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ନାଗରିକ ମାନଙ୍କର ଭୋଟଦେବାର ଓ ଲୋକସଭା ସଦସ୍ୟଙ୍କୁ ନିର୍ବାଚିତ କରିବାର ଅଧିକାର ଅଛି। ସମ୍ବିଧାନ ଅନୁସାରେ ଯଦି ଆଙ୍ଗଲୋଇଣ୍ଡିଆନ (ଭାରତୀୟ ଇଂରେଜ) ସମ୍ପ୍ରଦାୟରୁ କୌଣସି ସଭ୍ୟ ଲୋକସଭାରେ ନଥାନ୍ତି, ତେବେ ରାଷ୍ଟ୍ରପତି ଏହି ସମ୍ପ୍ରଦାୟର ଦୁଇଜଣଙ୍କୁ ମନୋନୀତ କରିବେ। ଯେତେବେଳେ ନିର୍ବାଚନ ଘୋଷଣା କରାଯାଏ, ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜନସଂଖ୍ୟା ଅନୁପାତରେ କେତେଗୁଡ଼ିଏ ଆଞ୍ଚଳିକ ନିର୍ବାଚନ ମଣ୍ଡଳିର ବିଭକ୍ତ ହୋଇଥାଏ। ତାକୁ ସଂସଦୀୟ ନିର୍ବାଚନ ମଣ୍ଡଳି କୁହାଯାଏ। ପ୍ରତ୍ୟେକ ନିର୍ବାଚନ ମଣ୍ଡଳିରୁ ଜଣେ ଲେଖାଏଁ ପ୍ରତିନିଧି ଲୋକସଭାକୁ ନିର୍ବାଚିତ ହୋଇଆସନ୍ତି।

ଲୋକସଭାର କାର୍ଯ୍ୟକାଳ ୫ବର୍ଷ। କିନ୍ତୁ ରାଷ୍ଟ୍ରପତିଙ୍କ ଦ୍ୱାରା ଏହାକୁ କାର୍ଯ୍ୟକାଳ ସରିବା ପୂର୍ବରୁ ଭଙ୍ଗ କରାଯାଇପାରେ। ଜରୁରୁକାଳୀନ ପରିସ୍ଥିତି ସମୟରେ ଏହାର କାର୍ଯ୍ୟକାଳ ଏକ ସମୟରେ ଏକବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଲୋକସଭାର ସଦସ୍ୟ ହେବାପାଇଁ ଯୋଗ୍ୟତା ହେଉଛି (କ) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ (ଖ) ଅତିକମ୍‌ରେ ୨୫ବର୍ଷ ମୟସ୍କ ହୋଇଥିବେ (ଗ) କେନ୍ଦ୍ର, ରାଜ୍ୟ କିମ୍ବା ସ୍ଥାନୀୟ ସ୍ୱାୟତ୍ତଶାସନ ଅଧିନରେ କୌଣସି ଲାଭଜନକ ପଦରେ ନଥିବେ। ଆଇନ ଅନୁଯାୟୀ ସଂସଦ ଦ୍ୱାରା ବିଭିନ୍ନ ସମୟରେ ନିର୍ଦ୍ଦେଶିତ ହେଉଥିବା ଅନ୍ୟାନ୍ୟ ଯୋଗ୍ୟତା ଗୁଡ଼ିକ ତାଙ୍କର ଥିବ।


## ୨୦.୩.୨ ରାଜ୍ୟସଭା

ରାଜ୍ୟସଭା ସଂସଦର ଉପରିସ୍ଥ ଗୃହ (Upper House)। ଏହାର ସର୍ବୋଚ୍ଚ ସଭ୍ୟସଂଖ୍ୟା ୨୫୦ରୁ ଅଧିକ ହେବନାହିଁ। ଏମାନଙ୍କ ମଧ୍ୟରୁ ୨୩୮ଜଣ ସଦସ୍ୟ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ପ୍ରତିନିଧି ଅଟନ୍ତି ଓ ୧୨ଜଣ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି। ମନୋନୀତ ସଦସ୍ୟମାନେ ହେଉଛନ୍ତି, ସାହିତ୍ୟ, କଳା, ବିଜ୍ଞାନ ଓ ସମାଜସେବା ଆଦି କ୍ଷେତ୍ରରେ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ନିର୍ବାଚିତ ସଦସ୍ୟମାନେ ରାଜ୍ୟ ବିଧାନସଭା ଗୁଡ଼ିକ ଦ୍ୱାରା ଆନୁପାତିକ ଭୋଟଦାନ ପଦ୍ଧତିରେ ନିର୍ବାଚିତ ହୋଇଥାନ୍ତି। ପ୍ରତ୍ୟେକ ରାଜ୍ୟର ସଦସ୍ୟସଂଖ୍ୟା ସେ ରାଜ୍ୟର

ଜନସଂଖ୍ୟା ଉପରେ ନିର୍ଭର କରେ। ରାଜ୍ୟସଭା ଏକ ସ୍ଥାୟୀସଭା ଏବଂ ଏହାକୁ ଭଙ୍ଗ କରାଯାଇ ପାରିବ ନାହିଁ। ରାଜ୍ୟସଭାର ସଦସ୍ୟମାନେ ୬ବର୍ଷ ପାଇଁ ନିର୍ବାଚିତ ହୋଇଥାଆନ୍ତି। କିନ୍ତୁ ଗୋଟିଏ ବ୍ୟବସ୍ଥା ରହିଛି, ପ୍ରତିବର୍ଷ ଏହାର ଏକ ତୃତୀୟାଂଶ ସଦସ୍ୟ ଅବସର ନିଅନ୍ତି ଏବଂ ନୂତନ ସଦସ୍ୟ ନିର୍ବାଚିତ ହୋଇଥାନ୍ତି। ଅବସର ନେଉଥିବା ସଦସ୍ୟ ମଧ୍ୟ ପୁନଃନିର୍ବାଚିତ ହୋଇପାରିବେ। ରାଜ୍ୟସଭାର ସଦସ୍ୟ ହେବାପାଇଁ ଯୋଗ୍ୟତା ହେଉଛି, ଜଣେ ବ୍ୟକ୍ତି (କ) ଭାରତର ନାଗରିକ ହୋଇଥିବେ (ଖ) ଅତିକମ୍‌ରେ ୩୦ବର୍ଷ ବୟସ ହୋଇଥିବା ଅନ୍ୟ ଯୋଗ୍ୟତା ଗୁଡିକ ଲୋକସଭା ସଦସ୍ୟଙ୍କ ଯୋଗ୍ୟତା ସହ ସମାନ। ସଂସଦର ଅଧିବେଶନ ରାଷ୍ଟ୍ରପତିଙ୍କ ଦ୍ୱାରା ଆହୂତ ହୁଏ। ଦୁଇଟି ଅଧିବେଶନ ମଧ୍ୟରେ ଛଅମାସରରୁ ଅଧିକ ବ୍ୟବଧାନ ରହିପାରିବ ନାହିଁ। ରାଷ୍ଟ୍ରପତିଙ୍କର ଅଧିବେଶନକୁ ମୁଲତବୀ କରିବାର ଅଧିକାର ଅଛି। ଲୋକସଭା ରାଷ୍ଟ୍ରପତିଙ୍କ ଦ୍ୱାରା ଭଙ୍ଗ କରାଯାଇ ପାରିବ କିନ୍ତୁ ରାଜ୍ୟସଭାକୁ ଭଙ୍ଗକରାଯାଇ ପାରିବ ନାହିଁ, କାରଣ ଏହା ଏକ ସ୍ଥାୟୀସଭା।

## ୨୦.୩.୩ ପୀଠାସୀନ ଅଧିକାରୀ :

ଲୋକସଭାର ପୀଠାସୀନ ଅଧିକାରୀ ହେଉଛନ୍ତି ବାଚସ୍ପତି ଓ ତାଙ୍କ ଅନୁପସ୍ଥିତିରେ ଉପବାଚସ୍ପତି। ଲୋକସଭାର ସଦସ୍ୟଗଣ ସେମାନଙ୍କ ମଧ୍ୟରୁ ଜଣକୁ ବାଚସ୍ପତି ଓ ଜଣକୁ ଉପବାଚସ୍ପତି ନିର୍ବାଚିତ କରନ୍ତି। ସେ ଲୋକସଭାରେ ଶୃଙ୍ଖଳା ରକ୍ଷା କରନ୍ତି ଓ ଗୃହକାର୍ଯ୍ୟର ଅଗ୍ରଗତିକୁ ତଦାରଖ କରନ୍ତି। କିଏ ଓ କେତେ ସମୟ କହିବ, ତାହା ସେ ସ୍ଥିର କରନ୍ତି। ସେ ସାଧାରଣତଃ ମତଦାନ କରନ୍ତି ନାହିଁ। କିନ୍ତୁ ପରିଣାମସମଫଳ ହେବାସ୍ଥଳେ ସେ ମତଦାନ କରିପାରନ୍ତି। ଗୋଟିଏ ବିଲ୍, ସାଧାରଣ ବିଲ୍ କି ଅର୍ଥ ବିଲ୍ ତାହା ବାଚସ୍ପତି ସ୍ଥିରକରନ୍ତି ଓ ତାଙ୍କ ସିଦ୍ଧାନ୍ତ ହେଉଛି ସର୍ବଶେଷ ସିଦ୍ଧାନ୍ତ। ଏହାଛଡା ସଭ୍ୟମାନଙ୍କର ଅଧିକାର ଓ ସୁବିଧାସୁଯୋଗ (Privileges )ର ରକ୍ଷକ ଅଟନ୍ତି। ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନ ହେଲେ, ଲୋକସଭାର ବାଚସ୍ପତି ସେଥିରେ ସଭାପତିତ୍ୱ କରନ୍ତି।



ଚିତ୍ର ୨୦.୬ - ଲୋକସଭା ଅଧିବେଶନ



ଟିପ୍ପଣୀ

ରାଜ୍ୟସଭାର ପୀଠାସୀନ ଅଧିକାରୀ ହେଉଛନ୍ତି ଉପରାଷ୍ଟ୍ରପତି। ସେ ରାଜ୍ୟସଭାର ଅଧ୍ୟକ୍ଷ (Chairman) ଉପରାଷ୍ଟ୍ରପତି ରାଜ୍ୟସଭାର ସଦସ୍ୟ ନୁହଁନ୍ତି। ସଂସଦର ଉଭୟ ସଦନର ସଦସ୍ୟ ମାନଙ୍କଦ୍ୱାରା ଗଠିତ ନିର୍ବାଚକମଣ୍ଡଳି ଦ୍ୱାରା ସେ ନିର୍ବାଚିତ ହୁଅନ୍ତି। ସେ ଅନୁପସ୍ଥିତ ଥିବା ସମୟରେ ଉପସଭାପତି (Deputy-Chairman) ସଭାପତିତ୍ୱ କରନ୍ତି। ଲୋକସଭାର ବାଚସ୍ପତିଙ୍କଭଳି ରାଜ୍ୟସଭାର ଅଧ୍ୟକ୍ଷ (Chairman) ସାଧାରଣତଃ ଭୋଟଦାନରେ ଅଂଶଗ୍ରହଣ କରନ୍ତି ନାହିଁ। କିନ୍ତୁ ପରିଣାମ ସମଫଳ ହେବାସ୍ଥଳେ ସେ ମତଦାନ କରିପାରନ୍ତି।

## ୨୦.୩.୪ ସଂସଦର କାର୍ଯ୍ୟ

ସଂସଦ ହେଉଛି ଦେଶର ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ସଂସ୍ଥା। ସଂସଦର କାର୍ଯ୍ୟକୁ ନିମ୍ନୋକ୍ତ ଶ୍ରେଣୀରେ ବିଭକ୍ତ କରାଯାଇପାରେ।

(i) ***ଆଇନ ପ୍ରଣୟନ କାର୍ଯ୍ୟ :*** ସଂସଦ ହେଉଛି ଗୋଟିଏ ଆଇନପ୍ରଣୟନକାରୀ ସଂସ୍ଥା। ସମ୍ବିଧାନ ଅନୁସାରେ ଏହା କେନ୍ଦ୍ର ତାଲିକାଭୁକ୍ତ ଓ ଯୁଗ୍ମତାଲିକାଭୁକ୍ତ ବିଷୟରେ ଆଇନପ୍ରଣୟନ କରେ। ଯୁଗ୍ମତାଲିକାଭୁକ୍ତ ବିଷୟରେ କେନ୍ଦ୍ର ସରକାର ଓ ରାଜ୍ୟସରକାର ଆଇନ ଯଦି ପରସ୍ପର ବିରୋଧି ହୁଏ, ତେବେ କେନ୍ଦ୍ରସରକାର ଆଇନ ବଳବତ୍ତର ରହେ। ଏହା ବ୍ୟତୀତ ଯଦି କୌଣସି ବିଷୟରେ କୌଣସି ତାଲିକା ଅନ୍ତର୍ଭୁକ୍ତ ହୋଇନଥାଏ, ତାହାକୁ ଅବଶିଷ୍ଟ ବିଷୟ (Residuary Subject) କୁହାଯାଏ ଓ ତାହା ସଂସଦର କ୍ଷେତ୍ରାଧିକାର ଭିତରେ ରହେ। ଗୋଟିଏ ସାଧାରଣ ସଂସଦର ଦୁଇଟି ସଦନ ମଧ୍ୟରୁ ଯେକୌଣସି ଗୋଟିକରେ ପ୍ରଥମେ ଆଗତ କରାଯାଇପାରେ। ଯଦି ବିଲ୍‌ଟି ଲୋକସଭାରେ ପାରିତ ହୁଏ, ତେବେ ତାହାକୁ ରାଜ୍ୟସଭାକୁ ପଠାଯାଏ। ରାଜ୍ୟସଭାରେ ଏହା ପାରିତ ହୁଏ କିମ୍ବା ସେଥିରେ କିଛି ସଂଶୋଧନ ପ୍ରସ୍ତାବ ଦିଆଯାଇପାରେ। ଯଦି କୌଣସି ବିଲ୍ ଉପରେ ଉଭୟ ଗୃହରେ ମତାନ୍ତର ଲାଗିରହେ, ଏହା ଉଭୟଗୃହର ସଂଯୁକ୍ତ ଅଧିବେଶନରେ ଏହାର ସମାଧାନ ହୁଏ। ସଂଯୁକ୍ତ ଅଧିବେଶନରେ ଲୋକସଭାର ଗୁରୁତ୍ୱ ଅଧିକ ଥାଏ କାରଣ ଲୋକସଭାରେ ୫୫୦ ସଦସ୍ୟ ଥିବା ସ୍ଥଳେ ରାଜ୍ୟସଭାରେ ଅତିବେଶୀରେ ୨୫୦ସଦସ୍ୟ ଥାଆନ୍ତି। ଏପର୍ଯ୍ୟନ୍ତ ମାତ୍ର ତିନିଥର ଉଭୟଗୃହର ମିଳିତ ଅଧିବେଶନ ଡକାଯାଇଛି। ଉଭୟ ଗୃହରେ ବିଲ୍ ପାରିତ ହୋଇସାରିଲାପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତିପାଇଁ ପଠାଯାଏ ଓ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇଲାପରେ ତାହା ଆଇନରେ ପରିଣତ ହୁଏ।

(ii) ***କାର୍ଯ୍ୟନିର୍ବାହୀ କାର୍ଯ୍ୟ:*** ସଂସଦୀୟ ପଦ୍ଧତିରେ ଆଇନପ୍ରଣୟନ ଓ କାର୍ଯ୍ୟନିର୍ବାହୀ ମଧ୍ୟରେ ବିଶେଷ ସଂପର୍କ ରହିଛି। ପୂର୍ବରୁ ଆଲୋଚିତ ହୋଇଛି ଯେ, ମନ୍ତ୍ରୀପରିଷଦ ଯେ କି ପ୍ରକୃତ କାର୍ଯ୍ୟନିର୍ବାହୀ ସାମୂହିକ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ। ଯେ କି ଏହା ବିରୁଦ୍ଧରେ ଅନାସ୍ଥାପ୍ରସ୍ତାବ ପାରିତକରି ମନ୍ତ୍ରୀପରିଷଦକୁ ଭାଙ୍ଗିଦେଇପାରେ। ୧୯୯୯ ମସିହାରେ ଅଟଳବିହାରୀ ବାଜପେୟୀ ସରକାର ଲୋକସଭାରେ ଆସ୍ଥା ପ୍ରସ୍ତାବରେ ପରାଜିତ ହୋଇ ପଦତ୍ୟାଗ କରିଥିଲେ। ମୋଟଉପରେ ସଂସଦର ଉଭୟସଂସଦ ଆହୁରି ଅନେକ ଉପାୟରେ ମନ୍ତ୍ରୀପରିଷଦ ଉପରେ ନିଜର କର୍ତ୍ତୃତ୍ୱ ରଖିଥାନ୍ତି ଯଥା : -

(କ) *ବିଭିନ୍ନ ପ୍ରଶ୍ନ ଓ ଅତିରିକ୍ତ ପ୍ରଶ୍ନପଚାରି:* ସଂସଦର ପ୍ରତ୍ୟେକ କାର୍ଯ୍ୟ ଦିବସର ପ୍ରଥମ ଘଣ୍ଟାକୁ ପ୍ରଶ୍ନୋତ୍ତର ସମୟ କୁହାଯାଏ ଯେତେବେଳେ କି, ମନ୍ତ୍ରୀମାନେ ସଦସ୍ୟମାନଙ୍କ ଦ୍ୱାରା ପଚରାଯାଉଥିବା ପ୍ରଶ୍ନର ଉତ୍ତର ଦିଅନ୍ତି।

(ଖ) *ଆଲୋଚନା ଓ ପ୍ରସ୍ତାବ ପାରିତକରି:* ଧ୍ୟାନ ଆକର୍ଷଣଜାରୀ ପ୍ରସ୍ତାବ, ମୁଲତବୀ ପ୍ରସ୍ତାବ ଓ ସମାଲୋଚନାମୂଳକ ପ୍ରସ୍ତାବ ଆଗତକରି ଓ ସରକାରଙ୍କ ନୀତିକୁ ଆଲୋଚନା ଓ ସମାଲୋଚନା କରି।

(ଗ) *ଅନାସ୍ଥା ପ୍ରକାଶକରି:* ଲୋକସଭା ବଜେଟ, ଅର୍ଥବିଲ୍ ଏପରିକି ସାଧାରଣ ବିଲ୍‌କୁ ସ୍ୱୀକୃତି ପ୍ରଦାନ ନକରି କାର୍ଯ୍ୟକାରିଣୀ ପ୍ରତି ତାଙ୍କର ଆସ୍ଥାନଥିବା ପ୍ରକାଶ କରିପାରିବେ ।

(iii) *ଅର୍ଥିକ କାର୍ଯ୍ୟ:* ସଂସଦକୁ କେତେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକକାର୍ଯ୍ୟ ସମ୍ପାଦନର ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ସାଧାରଣ ସମ୍ପତ୍ତିର ରକ୍ଷକ । ଏହା କେନ୍ଦ୍ରସରକାରର ସମସ୍ତ ଆର୍ଥିକସ୍ଥିତିକୁ ନିୟନ୍ତ୍ରଣ କରେ । ସରକାର ଶାସନକୁ ଦକ୍ଷତାର ସହିତ ସୁଚାରୁରୂପେ ପରିଚାଳନା କରିବାପାଇଁ ଏହା ଆବଶ୍ୟକ ସମୟରେ ଅର୍ଥ ମଞ୍ଜୁର କରନ୍ତି । ସରକାରଙ୍କଦ୍ୱାରା ଉପସ୍ଥାପିତ କରାଯାଇଥିବା ଅର୍ଥଦାବୀକୁ ପାରିତ କରିପାରେ, କମାଇ ଦେଇପାରେ ବା ନାକଚ କରିଦେଇପାରେ । ସଂସଦ ମଞ୍ଜୁରୀ ବିନା କୌଣସି ଟିକସ ଆଦାୟ କରାଯାଇପାରିବ ନାହିଁ । କୌଣସି ଖର୍ଚ୍ଚ କରାଯାଇ ପାରିବନାହିଁ । ଯାହାହେଉ ରାଜ୍ୟସଭା କ୍ଷେତ୍ରରେ କେତେକ ସୀମା ରହିଛି । ସେଗୁଡିକ ହେଉଛି, (କ) କୌଣସି ଆର୍ଥିକବିଲ୍ ରାଜ୍ୟସଭାରେ ପ୍ରଥମେ ଆଗତ କରାଯାଇପାରିବ ନାହିଁ । ଆର୍ଥିକବିଲ୍‌କୁ ନାକଚ କରିବା କିମ୍ବା ସଂଶୋଧନ କରିବାର ଅଧିକାର ରାଜ୍ୟସଭାର ନାହିଁ । ଏହା କେବଳ ଆର୍ଥିକବିଲ୍ ଉପରେ କେତେକ ସୁପାରିଶ କରିପାରିବେ । ଯଦି ରାଜ୍ୟସଭା ତାର ସୁପାରିଶ ସହିତ ଆର୍ଥିକ ବିଲ୍‌କୁ ୧୪ଦିନ ଭିତରେ ଲୋକସଭାକୁ ନ ଫେରାନ୍ତି, ତେବେ ବିଲ୍ ଉଭୟଗୃହରେ ପାରିତ ହେଲା ବୋଲି ଧରାଯାଏ । ବାର୍ଷିକ ଆର୍ଥିକ ବିବୃତ୍ତି (ବଜେଟ୍) ଲୋକସଭାରେ ଉପସ୍ଥାପିତ ହୁଏ ଏବଂ ରାଜ୍ୟସଭା ଏହା ଉପରେ ଆଲୋଚନା କରିପାରେ କିନ୍ତୁ ଏହାକୁ ଆଇନରେ ପରିଣତ କରିବାରେ ବାଧା ସୃଷ୍ଟି କରିପାରିବ ନାହିଁ ।

(iv) *ନ୍ୟାୟିକ କାର୍ଯ୍ୟ:* ସଂସଦ ଆଇନଦ୍ୱାରା ଉଚ୍ଚତମ ନ୍ୟାୟାଳୟର ବିଚାରପତି ମାନଙ୍କ ସଂଖ୍ୟା ସ୍ଥିର କରିବାର କ୍ଷମତା ରହିଛି । ଦୁଇବା ତତୋଧିକ ରାଜ୍ୟରେ ଗୋଟିଏ ଉଚ୍ଚନ୍ୟାୟାଳୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ଉଚ୍ଚନ୍ୟାୟାଳୟ ପ୍ରତିଷ୍ଠା କରିବାପାଇଁ ତାକୁ କ୍ଷମତାପ୍ରଦାନ କରାଯାଇଛି । ସଂସଦର ଉଭୟ ସଦନରେ ବହିଷ୍କାର () ବ୍ୟବସ୍ଥା ଗୃହୀତ ହୋଇସାରିଲା ପରେ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ପ୍ରଧାନ ବିଚାରପତି ଓ ଅନ୍ୟାନ୍ୟ ବିଚାରପତିମାନଙ୍କୁ ପଦତ୍ୟାଗ କରିବାକୁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଥାନ୍ତି ।

(v) *ଅନ୍ୟାନ୍ୟ (Miscellaneous ) କାର୍ଯ୍ୟ:* ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ମତଦାନଦ୍ୱାରା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରିବାର କ୍ଷମତା ସଂସଦର ରହିଛି । ଏହି କାର୍ଯ୍ୟକୁ ବିହିଷ୍କାର (Impeach ment) କୁହାଯାଏ । ଏହାର ମଧ୍ୟ ସମ୍ବିଧାନ ସଂଶୋଧନ କରିବାର କ୍ଷମତା ରହିଛି । ସମ୍ବିଧାନର କେତେକଭାଗ ସାଧାରଣ ସଂଖ୍ୟା ଗରିଷ୍ଠତା ଦ୍ୱାରା ସଂଶୋଧନ କରାଯାଇପାରେ ଏବଂ ଆଉକେତେକ ଭାଗପାଇଁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ ପଡେ । ସମ୍ବିଧାନର ଆଉ କେତେକ ଭାଗ ସଂଶୋଧନ ପାଇଁ ସଂସଦର ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା ସହିତ ଅର୍ଦ୍ଧେକ ରାଜ୍ୟବ୍ୟବସ୍ଥାପକ ସଭାର ମଞ୍ଜୁରୀ ଆବଶ୍ୟକ ପଡେ ।

### ୨୦.୩.୫ ସଂସଦର ଉଭୟ ସଦନର ତୁଳନାତ୍ମକ ସ୍ଥିତି:

ସଂସଦୀୟ ବ୍ୟବସ୍ଥାରେ ନିମ୍ନସଦନର ସର୍ବଦା ଅଧିକ କ୍ଷମତା ଥାଏ । ସେହି ଅନୁସାରେ ଆମଦେଶରେ ଲୋକସଭା ଅଧିକ କ୍ଷମତାଶାଳୀ ଓ ଦକ୍ଷ । ନିମ୍ନଲିଖିତ ସୂଚନା ଗୁଡିକ ଉଭୟ ସଦନର ତୁଳନାତ୍ମକ ସ୍ଥିତି ବୁଝିବା ପାଇଁ ଅଧିକଗୁରୁତ୍ୱପୂର୍ଣ୍ଣ ।

(i) ଲୋକସଭା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ଅନୁଷ୍ଠାନ ଓ ଭାରତର ଲୋକମାନଙ୍କର ପ୍ରକୃତ ପ୍ରତିନିଧି । ଅନ୍ୟପକ୍ଷରେ ରାଜ୍ୟସଭା ପରୋକ୍ଷଭାବରେ ନିର୍ବାଚିତ । ମୋଟ୍ ଉପରେ ରାଜ୍ୟସଭା ଗୋଟିଏ ସ୍ଥାୟୀ ସଭା କିନ୍ତୁ ଲୋକସଭାର ସଦସ୍ୟମାନେ ୫ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ଏହାର

କାର୍ଯ୍ୟକାଳ ବୃଦ୍ଧି ହୋଇପାରେ ଏବଂ ଏହାମଧ୍ୟ ନିର୍ଦ୍ଧାରିତ କାର୍ଯ୍ୟକାଳ ସମାପ୍ତିପୂର୍ବରୁ ଭଙ୍ଗ କରାଯାଇପାରେ।

(ii) ସାଧାରଣ ବିଲ୍ କ୍ଷେତ୍ରରେ ଉଭୟ ସଦନର କ୍ଷମତା ସମାନ। ଯଦି ଉଭୟ ସଦନ ମଧ୍ୟରେ ମତପାର୍ଥକ୍ୟ ଲାଗିରହେ, ତେବେ ଉଭୟ ସଦନର ମିଳିତ ଅଧିବେଶନ ଡକାଯାଏ। ଏଥିରେ ଲୋକସଭା ଅଧିକ ପ୍ରଭାବ ରହେ କାରଣ ଲୋକସଭାର ସଦସ୍ୟସଂଖ୍ୟା ରାଜ୍ୟସଭାର ସଦସ୍ୟ ସଂଖ୍ୟାର ଦୁଇଗୁଣରୁ ଅଧିକ।

(iii) ମନ୍ତ୍ରୀପରିଷଦ ଉପରେ ରାଜ୍ୟସଭା ଅପେକ୍ଷା ଲୋକସଭାର ପ୍ରଭାବ ଅଧିକ। ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଆଲୋଚନା କରିବା ଓ ସରକାରଙ୍କୁ ସମାଲୋଚନା କରିବା ଦ୍ୱାରା ରାଜ୍ୟସଭାର କିଛି ନିୟନ୍ତ୍ରଣ ରହିଥାଏ, କିନ୍ତୁ ଅନାସ୍ଥା ପ୍ରସ୍ତାବ ପାରିତ କରିବାର ଅଧିକାର କେବଳ ଲୋକସଭାର ଅଛି। ଯଦି ଏହା ପାରିତହୁଏ, ମନ୍ତ୍ରୀପରିଷଦ ପଦଚ୍ୟୁତ ହୁଅନ୍ତି।

(iv) ସମ୍ବିଧାନର ସଂଶୋଧନ, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଉଚ୍ଚତମନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ପ୍ରଧାନବିଚାରପତି ଓ ବିଚାରପତିଙ୍କୁ ବହିଷ୍କାର କ୍ଷେତ୍ରରେ ରାଜ୍ୟସଭା ଓ ଲୋକସଭାର କ୍ଷମତା ପ୍ରାୟ ସମାନ।

(v) ଆର୍ଥିକ ବିଷୟ ପାଇଁ ଲୋକସଭାର ଗୁରୁତ୍ୱ ଅଧିକ। ରାଜ୍ୟସଭା କେବଳ ଗୋଟିଏ ନୂତନ ସର୍ବଭାରତୀୟ ସେବା ସୃଷ୍ଟିକରିପାରିବ ଏବଂ ରାଜ୍ୟତାଲିକାଭୁକ୍ତ ଗୋଟିଏ ବିଷୟକୁ କେନ୍ଦ୍ରୀୟ ଗୁରୁତ୍ୱ ପ୍ରଦାନକରି ପାରିବ।

ଉପରଲିଖିତ ତୁଳନାରୁ ଜଣାଯାଏ ଯେ, ଲୋକସଭା ନିଶ୍ଚିତଭାବରେ ରାଜ୍ୟସଭାଠାରୁ ଅଧିକ କ୍ଷମତାଶାଳୀ। କିନ୍ତୁ ଏହା କହିବା ଯୁକ୍ତିଯୁକ୍ତ ନୁହେଁ ଯେ, ରାଜ୍ୟସଭା କେବଳ ଦ୍ୱିତୀୟ ସଦନ ନୁହେଁ, ଏହା ମଧ୍ୟ ଦ୍ୱିତୀୟ ସ୍ଥାନୀୟ ସଦନ। ଆମେ ଦେଖୁଛୁ ରାଜ୍ୟସଭା କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକରେ ଏବଂ କେତେକ ନିର୍ଦ୍ଦିଷ୍ଟକାର୍ଯ୍ୟ ରହିଛି, ଯାହା କେବଳ ରାଜ୍ୟସଭା କରିପାରିବ।

### ୨୦.୩.୬ନାଗରିକ ଓ ତାଙ୍କର ନିତିଦିନିଆ ଜୀବନଶୈଳୀ ଉପରେ କେନ୍ଦ୍ରସରକାରର ପ୍ରଭାବ:

କେନ୍ଦ୍ରସରକାର କେତେଗୁଡ଼ିଏ ଜାତୀୟସ୍ତରର ଯୋଜନା ପ୍ରସ୍ତୁତକରି କାର୍ଯ୍ୟକାରୀ କରନ୍ତି, ଯାହାକି ଆମର ଜୀବନର ମାନକୁ ପ୍ରଭାବିତ କରିଥାଏ। ଶିକ୍ଷା ଓ ଶିଶୁକଲ୍ୟାଣ ସମ୍ପର୍କୀୟ ଅନେକ ଯୋଜନା ଏହାର ଅନ୍ତର୍ଭୁକ୍ତ। ଯଥା ସାମୂହିକ ଶିଶୁବିକାଶ ଯୋଜନା (ICDS), ଶିଶୁମାନଙ୍କର ପୁଷ୍ଟି ଓ ଯତ୍ନପାଇଁ ଅଙ୍ଗନବାଡ଼ିମାନଙ୍କ ଯୋଗଦାନ, ସାର୍ବଜନୀନ ପ୍ରାଥମିକ ଶିକ୍ଷାପାଇଁ ସର୍ବଶିକ୍ଷା ଅଭିଯାନ (SSA) ଏବଂ ସାର୍ବଜନୀନ ମାଧ୍ୟମିକ ଶିକ୍ଷାପାଇଁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (RMSA) ଅନ୍ୟକେତେକ କେନ୍ଦ୍ରସରକାରୀ ଯୋଜନା ହେଉଛି, ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନ, ସଂପୂର୍ଣ୍ଣ ପରିମଳ କ୍ୟାମ୍ପେନ୍ ଏବଂ (MNREGA)ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତି ଯୋଜନା, ଇନ୍ଦିରା ଆବାସ ଯୋଜନା ପ୍ରଭୃତି।

## ୨୦.୪ ପାଠ୍ୟଗତ ପ୍ରଶ୍ନାବଳୀ:

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ।

(i) ଲୋକସଭାର ସର୍ବୋଚ୍ଚ ସଦସ୍ୟ ସଂଖ୍ୟା କେତେ ?

(ii) ରାଜ୍ୟସଭାର ସଦସ୍ୟଙ୍କର କାର୍ଯ୍ୟକାଳ କେତେ ବର୍ଷ ?

(iii) ସଂସଦର କେଉଁ ସଦନ ଏକସ୍ଥାୟୀ ସଦନ ଅଟେ ?

(vi) ରାଜ୍ୟସଭାର ଅଧ୍ୟକ୍ଷ କିଏ ?

(v) ଲୋକସଭାର ବାଚସ୍ପତିଙ୍କର କାର୍ଯ୍ୟ କ'ଣ ?

(vi) ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ବ୍ୟକ୍ତିର ଯୋଗ୍ୟତା କ'ଣ ?

୨. ଶୂନ୍ୟସ୍ଥାନ ପୂରଣକର

(i) ଗୋଟିଏ ସାଧାରଣ ବିଲ __________ ରେ ଉପସ୍ଥାପନ କରାଯାଏ।

(ii) ଯଦି ଉଭୟ ସଦନ ମଧ୍ୟରେ ମତପାର୍ଥକ୍ୟ ଲାଗିରହେ, ରାଷ୍ଟ୍ରପତି ସଂସଦର __________ ଅଧିବେଶନ ଡାକନ୍ତି।

(iii) ଗୋଟିଏ ଆର୍ଥିକବିଲ କେବଳ __________ ରେ ଉପସ୍ଥାପନ କରାଯାଏ।

(iv) ମନ୍ତ୍ରୀପରିଷଦ ଉପରେ ପ୍ରଭାବ ବିସ୍ତାର କରିବାପାଇଁ ଉଭୟ ସଦନ __________ ପଚାରନ୍ତି ଓ __________ ପ୍ରସ୍ତାବ ଆଗତ କରନ୍ତି।

୩. ନିମ୍ନଲିଖିତ କେଉଁ ଉକ୍ତିଟି ସତ୍ୟ ଓ କେଉଁ ଉକ୍ତିଟି ମିଥ୍ୟା।

(i) ସାଧାରଣବିଲ୍ ରାଜ୍ୟସଭାରେ ଆଗତହୋଇ ପାରିବ ନାହିଁ।

(ii) ଆର୍ଥିକବିଲ୍ ରାଜ୍ୟସଭାରେ ଆଗତହୋଇ ପାରିବନାହିଁ।

(iii) ରାଷ୍ଟ୍ରପତିଙ୍କ ସ୍ୱୀକୃତି ନପାଇଲେ କୌଣସି ବିଲ୍ ଆଇନ୍ ହୋଇପାରିବ ନାହିଁ।

(iv) ଯଦିକୌଣସି ବିଲ୍ ଉପରେ ମତପାର୍ଥକ୍ୟ ପାଇଁ ଉଭୟ ସଦନର ମିଳିତ ଅଧିବେଶନ ଡକାଯାଏ, ଲୋକସଭାର ରାଜ୍ୟସଭା ଅପେକ୍ଷା ଗୁରୁତ୍ୱ ଅଧିକ ରହେ।

୪. ସଂସଦଗୃହର କାର୍ଯ୍ୟକ୍ରମରେ ଭାଗ ନେଉଥିବାବେଳେ ସଦସ୍ୟ / ମନ୍ତ୍ରୀ ମାନଙ୍କର କେଉଁ ଗୁଣ ଗୁଡିକ ତୁମକୁ ଭଲଲାଗେ।

## କାର୍ଯ୍ୟ - ୨୦.୫

ସମ୍ବାଦପତ୍ର ଓ ମାଗାଜିନ୍ ଗୁଡିକ ପଢ଼। ଲୋକସଭା ଓ ରାଜ୍ୟସଭା ଚାନାଲ କିମ୍ବା ଅନ୍ୟସମ୍ବାଦ ଚାନାଲରେ ପ୍ରସାରିତ ହେଉଥିବା ଆଲୋଚନାକୁ ଲକ୍ଷ୍ୟକର। ତୁମେ ଯାହା ଲକ୍ଷ୍ୟକଲ, ସେ ଅନୁସାରେ ନିମ୍ନପ୍ରଶ୍ନଗୁଡିକର ଉତ୍ତର ଦିଅ।

(i) ଜଣେ ସାଂସଦକୁ ଚିହ୍ନଟକର ଯାହାର ସଂସଦର ଆଲୋଚନାରେ ଭାଗନେବା ତୁମକୁ ଭଲ ଲାଗିଛି। ଦୁଇଟି କାରଣ ଦର୍ଶାଅ।

(ii) ସଂସଦର କୌଣସି ସାଂସଦଙ୍କର ବିଶୃଙ୍ଖଳିତ ବ୍ୟବହାର ଲକ୍ଷ୍ୟ କରିଛ କି? ଅନ୍ତତଃ ଏଭଳି ଦୁଇଟି ବ୍ୟବହାର ସୂଚିତକର। ଏହା କିପରି ସଂସଦକାର୍ଯ୍ୟରେ ବାଧାସୃଷ୍ଟି କରୁଛି ?

## ୨୦.୪ ଉଚ୍ଚତମ ନ୍ୟାୟାଳୟ

ଏହିପାଠ ମୂଳରୁ ଦର୍ଶାଯାଇଛି ଯେ, ଉଚ୍ଚତମ ନ୍ୟାୟାଳୟ ହେଉଛି କେନ୍ଦ୍ରୀୟ ନ୍ୟାୟପାଳିକା। କିନ୍ତୁ ଏହି ନ୍ୟାୟପାଳିକାର ଗଠନ ଓ କାର୍ଯ୍ୟକାରିତା, କାର୍ଯ୍ୟନିର୍ବାହୀ ଓ ଆଇନପ୍ରଣୟନ ବିଭାଗଠାରୁ

ଭିନ୍ନ। ଆଇନଗତ କାର୍ଯ୍ୟ ସଂପର୍କରେ ତୁମର କିଛି ଧାରଣା ବା ଅନୁଭୂତି ଅଛି କି? ତୁମେ କୌଣସି ସମୟରେ ଶୁଣିଥିବ ଯେ, ନିମ୍ନ ବିଚାରାଳୟରେ ଆରମ୍ଭ ହୋଇଥିବା ମାମଲା ଜିଲ୍ଲାସ୍ତରୀୟ ଅଦାଲତରେ ବିଚାର ହୁଏ, ତାପରେ ଉଚ୍ଚନ୍ୟାୟାଳୟ ଓ ସର୍ବଶେଷରେ ଉଚ୍ଚତମ ନ୍ୟାୟାଳୟରେ ବିଚାର ହୁଏ। ଏପରି ଘଟେ କାରଣ ଭାରତ ଏକ ସାମଗ୍ରିକ ବିଚାରବ୍ୟବସ୍ଥା ରହିଛି। ଏହାର ଅର୍ଥ ଯେ, ଏଠାରେ ସ୍ତରସ୍ତର ହୋଇ ବିଚାରାଳୟ ରହିଛି ଯାହାର ସର୍ବୋଚ୍ଚ ସ୍ତରରେ ଉଚ୍ଚତମ ନ୍ୟାୟାଳୟ, ରାଜ୍ୟସ୍ତରରେ ଉଚ୍ଚନ୍ୟାୟାଳୟ ଏବଂ ଜିଲ୍ଲାସ୍ତର ଓ ତାଠାରୁ ନିମ୍ନସ୍ତରରେ ଅଧସ୍ତନ ନ୍ୟାୟାଳୟମାନ ରହିଛି।



ଚିତ୍ର ୨୦.୭ - ଭାରତର ଉଚ୍ଚତମ ନ୍ୟାୟାଳୟ

ସମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଉଚ୍ଚତମ ନ୍ୟାୟାଳୟ ଜଣେ ପ୍ରଧାନବିଚାରପତି ଓ ଅନ୍ୟ ବିଚାରପତିଙ୍କୁ ନେଇଗଠିତ ଯାହାର ସଂଖ୍ୟା ସମ୍ବିଧାନଦ୍ୱାରା ବିଭିନ୍ନ ସମୟରେ ସ୍ଥିରୀକୃତ ହୋଇଥାଏ। ୧୯୫୦ ମସିହାରେ ଜଣେ ପ୍ରଧାନବିଚାରପତି ଓ ସାତଜଣ ବିଚାରପତି ଥିଲେ। କିନ୍ତୁ ଆବଶ୍ୟକତା ଅନୁସାରେ ବିଚାରପତିମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିପାଉଛି। ବର୍ତ୍ତମାନ ଉଚ୍ଚତମ ନ୍ୟାୟାଳୟ ଜଣେ ମୁଖ୍ୟ ବିଚାରପତି ଓ ତିରିଶଜଣ ବିଚାରପତିଙ୍କୁ ନେଇ ଗଠିତ।

ଉଚ୍ଚତମ ନ୍ୟାୟାଳୟର ମୁଖ୍ୟବିଚାରପତି ଓ ଅନ୍ୟବିଚାରପତିମାନେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି।

ଭାରତର ମୁଖ୍ୟବିଚାରପତିଙ୍କୁ ନିଯୁକ୍ତି ଦେଲାବେଳେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚନ୍ୟାୟାଳୟର ବିଚାରପତି ମାନଙ୍କ ସହ ବିଚାର ବିମର୍ଷ କରିପାରନ୍ତି। ସାଧାରଣତଃ ଉଚ୍ଚତମ ନ୍ୟାୟାଳୟର ସବୁଠାରୁ ବରିଷ୍ଠ ବିଚାରପତି ମୁଖ୍ୟବିଚାରପତି ଭାବରେ ନିଯୁକ୍ତି ପାଆନ୍ତି। ଉଚ୍ଚତମ ନ୍ୟାୟାଳୟର ଅନ୍ୟ ବିଚାରପତିମାନଙ୍କୁ ନିଯୁକ୍ତି ଦେଲାବେଳେ ମୁଖ୍ୟ ବିଚାରପତିଙ୍କ ସହ ବିଚାର ବିମର୍ଶ କରନ୍ତି। ସାଧାରଣତଃ ମୁଖ୍ୟବିଚାରପତି ନିଜେ ଚାରିଜଣ ବରିଷ୍ଠ ବିଚାରପତିଙ୍କ ସହ ବିଚାର ବିଚାର ବିମର୍ଶ କରନ୍ତି ଏବଂ ସମସ୍ତେ ଯେଉଁଜଣଙ୍କପାଇଁ ସହମତି ପ୍ରକାଶ କରନ୍ତି, ତାଙ୍କୁ ବିଚାରପତି ଭାବରେ ନିଯୁକ୍ତ କରିବାକୁ ସୁପାରିଶ କରାଯାଏ।

ଜଣେବ୍ୟକ୍ତି ଉଚ୍ଚତମ ନ୍ୟାୟାଳୟର ବିଚାରପତି ଭାବରେ ନିଯୁକ୍ତି ପାଇପାରିବେ, ଯଦି ସେ-

(i) ଭାରତର ନାଗରିକ ହୋଇଥିବେ।

(ii) ଅତିକମ୍‌ରେ ପାଞ୍ଚବର୍ଷ ଗୋଟିଏ ଉଚ୍ଚନ୍ୟାୟାଳୟରେ କିମ୍ବା ତଦୃର୍ଦ୍ଧ୍ୱ ଉଚ୍ଚନ୍ୟାୟାଳୟରେ ନିରବଚ୍ଛିନ୍ନ ଭାବରେ ବିଚାରପତି ପଦରେ କାର୍ଯ୍ୟ କରିଥିବେ।

(iii) ଓକିଲଭାବେ ଗୋଟିଏ ଉଚ୍ଚନ୍ୟାୟାଳୟରେ କିମ୍ବା ଦୁଇଟି ବା ତଦୃର୍ଦ୍ଧ୍ୱ ଉଚ୍ଚନ୍ୟାୟାଳୟରେ ନିରବଚ୍ଛିନ୍ନଭାବେ ଅନ୍ୟୁନ ଦଶବର୍ଷ କାର୍ଯ୍ୟ କରିଥିବେ।

(iv) ରାଷ୍ଟ୍ରପତିଙ୍କ ମତାନୁସାରେ ଜଣେ ଖ୍ୟାତନାମା ଆଇନଜ୍ଞ ହୋଇଥିବେ।

ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନେ ୬୫ବର୍ଷ ପର୍ଯ୍ୟନ୍ତ ନିଜପଦରେ ରହିପାରନ୍ତି। ଉଚ୍ଚତମ ନ୍ୟାୟାଳୟର ଜଣେ ବିଚାରପତି ପ୍ରମାଣିତ ଅସଦାଚାର ଓ ଅସାମର୍ଥ୍ୟ ଆଧାରରେ ରାଷ୍ଟ୍ରପତିଙ୍କର ଏକ ନିର୍ଦ୍ଦେଶ, ଯାହା ସଂସଦର ଉଭୟ ସଦନରେ ସ୍ୱତନ୍ତ୍ର ବହୁମତରେ ପାରିତ ହୁଏ, ତାହାଦ୍ୱାରା ପଦରୁ ବହିଷ୍କୃତ ହୋଇପାରନ୍ତି। ଏହାକୁ ବହିଷ୍କାର ପଦ୍ଧତି କୁହାଯାଏ। ଏ ପର୍ଯ୍ୟନ୍ତ ଉଚ୍ଚନ୍ୟାୟାଳୟର କୌଣସି ମୁଖ୍ୟବିଚାରପତି କିମ୍ବା ବିଚାରପତି ବହିଷ୍କୃତ ହୋଇନାହାଁନ୍ତି। ଯେଉଁ ବିଚାରପତି ଉଚ୍ଚତମ ନ୍ୟାୟାଳୟରେ କାର୍ଯ୍ୟକରନ୍ତି, ସେ ତାଙ୍କ ଅବସରପରେ ଭାରତର କୌଣସି ନ୍ୟାୟାଳୟରେ ଓକିଲ ଭାବରେ କାର୍ଯ୍ୟ କରିପାରିବେ ନାହିଁ।

## ୨୦.୪.୧ ଉଚ୍ଚତମ ନ୍ୟାୟାଳୟର କ୍ଷେତ୍ରାଧିକାର

ଉଚ୍ଚତମ ନ୍ୟାୟାଳୟର ତିନିପ୍ରକାର କ୍ଷେତ୍ରାଧିକାର ରହିଛି।

୧.ମୌଳିକ  ୨.ଅପିଲଗ୍ରହଣ  ୩.ଉପଦେଶ

### (୧) ମୌଳିକ ଅଧିକାର :

କେତେକ ମାମଲାରେ ସ୍ୱତଃ ବିଚାରକରିବାର କ୍ଷମତା କେବଳ ଉଚ୍ଚତମ ନ୍ୟାୟାଳୟର ରହିଛି। ସେଗୁଡ଼ିକ ହେଉଛି : -

(କ) କେନ୍ଦ୍ର ସରକାର ଓ ଏକ ବା ଏକାଧିକ ରାଜ୍ୟସରକାରଙ୍କ ମଧ୍ୟରେ ବିବାଦ।

(ଖ) ଦୁଇ ବା ତତୋଧିକ ରାଜ୍ୟ ମଧ୍ୟରେ ବିବାଦ।

(ଗ) ଭାରତସରକାର ଓ ଏକ ବା ଏକାଧିକ ରାଜ୍ୟ ଗୋଟିଏ ପକ୍ଷରେ ଏବଂ ଏକ ବା ଏକାଧିକ ରାଜ୍ୟ ଅନ୍ୟପକ୍ଷରେ ରହି ବିବାଦ।

### (୨) ଅପିଲ ଗ୍ରହଣ କ୍ଷେତ୍ରାଧିକାର :

କୌଣସି ଉଚ୍ଚତର ନ୍ୟାୟାଳୟର ଅଧିକାର ହେଉଛି, ନିମ୍ନନ୍ୟାୟାଳୟର ରାୟ ବିରୁଦ୍ଧରେ ଅଭିଯୋଗ ଶୁଣି ତାକୁ ସମାଧାନ କିରବା ଓ ଏହାକୁ ଅପିଲଗ୍ରହଣ କ୍ଷେତ୍ରାଧିକାର କୁହାଯାଏ। ଉଚ୍ଚତମ ନ୍ୟାୟାଳୟରେ ସାମ୍ବିଧାନିକ, ସିଭିଲ ଓ କ୍ରିମିନାଲ ମାମଲାର ଅପିଲ କରାଯାଏ। ଏହା ଉଚ୍ଚ ନ୍ୟାୟାଳୟରେ ରାୟ ବିରୁଦ୍ଧରେ ଅପିଲ ଶୁଣେ। ଏହାମଧ୍ୟ ନିଜରାୟର ପୁନର୍ବିଚାର କରିପାରେ। ଏହା ନିଜର ବ୍ୟକ୍ତିଗତ କ୍ଷମତା ବଳରେ ଭାରତର ଯେ କୌଣସି ନ୍ୟାୟାଳୟ ବା ଟ୍ରିବ୍ୟୁନାଲ ଦେଇଥିବା ରାୟ କିମ୍ବା ଆଦେଶ ବିରୁଦ୍ଧରେ ଅପିଲକରିବା ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିଥାଆନ୍ତି। ମୋଟ ଉପରେ କ୍ରିମିନାଲ ମାମଲାର କୌଣସି ଅପିଲ ଉଚ୍ଚତମ ନ୍ୟାୟାଳୟକୁ ଆସେ, ଯଦି ଉଚ୍ଚନ୍ୟାୟାଳୟ ମତଦିଏ ଯେ, ଏହି ମାମଲା ଉଚ୍ଚତମ ନ୍ୟାୟାଳୟକୁ ଯିବାପାଇଁ ଯୋଗ୍ୟ। ସ୍ୱତନ୍ତ୍ର ଅପିଲ କ୍ଷମତା ବଳରେ ଏହି ନ୍ୟାୟାଳୟ ହାତରେ ନିର୍ବାଚନ, ଶ୍ରମ ଓ ଶିଳ୍ପ ଟ୍ରିବ୍ୟୁନାଲ ପ୍ରଭୃତିର ସିଦ୍ଧାନ୍ତକୁ ପୁନର୍ବିଚାର କରିବା ପାଇଁ ଏକ ଅସ୍ତଭଳି କାର୍ଯ୍ୟକରେ।

### (୩) ଉପଦେଶମୂଳକ କ୍ଷେତ୍ରାଧିକାର :

ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱତନ୍ତ୍ରଭାବରେ ପଠାଯାଇଥିବା ବିଷୟ ଉପରେ ଉଚ୍ଚତମ ନ୍ୟାୟାଳୟର ସ୍ୱତନ୍ତ୍ର ଉପଦେଶ କ୍ଷେତ୍ରାଧିକାର ଥାଏ। ଯଦି କୌଣସି ସମୟରେ ରାଷ୍ଟ୍ରପତିଙ୍କର ହୃଦ୍‌ବୋଧ ହୁଏ ଯେ, କୌଣସି ଆଇନଗତ ପ୍ରଶ୍ନ ବା ବିଷୟ ଯାହାର ଏଭଳି ସର୍ବସାଧାରଣ ଗୁରୁତ୍ୱ ଅଛି ଯେ, ଏହା ଉପରେ ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ନେବା ଆବଶ୍ୟକ, ସେ ଏହାକୁ ଉଚ୍ଚତମ ନ୍ୟାୟାଳୟକୁ ପଠାଇ ପାରନ୍ତି। ଉଚ୍ଚତମ ନ୍ୟାୟାଳୟ ଏହାର ଶୁଣାଣିକରି ଯାହା ଠିକ୍ ବୋଲି ଭାବନ୍ତି, ସେ ସମ୍ପର୍କରେ ନିଜର ମତାମତ ରାଷ୍ଟ୍ରପତିଙ୍କ ନିକଟକୁ ପଠାନ୍ତି। ଅବଶ୍ୟ ଉଚ୍ଚତମ ନ୍ୟାୟାଳୟର ମତାମତ ରାଷ୍ଟ୍ରପତି ଗ୍ରହଣ କରିବାକୁ ବାଧ ନୁହଁନ୍ତି କିମ୍ବା ଉଚ୍ଚତମ ନ୍ୟାୟାଳୟ ମଧ୍ୟ ସେ ସମ୍ପର୍କରେ ନିଜର ଉପଦେଶ ଦେବାକୁ ବାଧ ନୁହଁନ୍ତି।

ଉଚ୍ଚତମ ନ୍ୟାୟାଳୟ ନଥିପତ୍ରର ନ୍ୟାୟାଳୟ ଅଟେ। ଉଚ୍ଚତମ ନ୍ୟାୟାଳୟର ନଥିପତ୍ର, ଆଇନ ବା ସମ୍ବିଧାନର ବ୍ୟାଖ୍ୟାପାଇଁ ନିମ୍ନ ନ୍ୟାୟାଳୟରେ ଉପସ୍ଥାପିତ ହେଲେ ତାହା ଗ୍ରହଣ କରାଯାଏ। ଉପରଲିଖିତ କ୍ଷେତ୍ରାଧିକାର ଗୁଡିକ ବ୍ୟତୀତ ଆଉ କିଛି ସ୍ୱତନ୍ତ୍ର ଅଧିକାର ଉଚ୍ଚତମ ନ୍ୟାୟାଳୟର ରହିଛି। ସେଗୁଡିକ ହେଉଛି:

### (୧) ସମ୍ବିଧାନର ରକ୍ଷକ :

ସମ୍ବିଧାନର ବ୍ୟାଖ୍ୟାକାର ଭାବରେ ଉଚ୍ଚତମ ନ୍ୟାୟାଳୟର ସମ୍ବିଧାନକୁ ରକ୍ଷାକରିବାର ଅଧିକାର ରହିଛି। ଯଦି କୌଣସି ଆଇନ ବା ନିର୍ବାହକ ନିର୍ଦ୍ଦେଶ ସମ୍ବିଧାନ ବିରୋଧି ଅଟେ, ଉଚ୍ଚତମ ନ୍ୟାୟାଳୟ ଏହାକୁ ଅସାମ୍ବିଧାନିକ ଓ ବ୍ୟର୍ଥ ବୋଲି ଘୋଷଣା କରେ। ସେହିପରି ଉଚ୍ଚତମ ନ୍ୟାୟାଳୟ ମୌଳିକ ଅଧିକାର ଗୁଡିକର ତତ୍ତ୍ୱାବଧାରକ ଓ ରକ୍ଷକ ଭାବରେ କାର୍ଯ୍ୟକରେ। ଯଦିକୌଣସି ନାଗରିକ ଅନୁଭବ କରନ୍ତି ଯେ, ତାଙ୍କର ମୌଳିକ ଅଧିକାର ଅପହୃତ ହେଉଛି ବା ଉଲଂଘନ ହେଉଛି, ସେ ସେଗୁଡିକର ସୁରକ୍ଷାପାଇଁ ସିଧାସଳଖ ଭାବରେ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବେ। ସାମ୍ବିଧାନିକ ପ୍ରତିକାର ଅଧିକାର ସମ୍ବିଧାନର ରକ୍ଷକ ଭାବରେ କାର୍ଯ୍ୟକରିବାକୁ ଉଚ୍ଚତମ ନ୍ୟାୟାଳୟକୁ କ୍ଷମତାପନ୍ନ କରିଅଛି।

### (୨) ଅଦାଲତୋଚିତ ପୁନର୍ବିଚାର କ୍ଷମତା :

ଉଚ୍ଚତମ ନ୍ୟାୟାଳୟ ବିଭିନ୍ନ ଆ ଇନ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଗୁଡିକର ବୈଧତା ନିରୀକ୍ଷା କରିବାର ଅଧିକାର ରହିଛି। ଉଚ୍ଚତମ ନ୍ୟାୟାଳୟର ସମ୍ବିଧାନ ବ୍ୟାଖ୍ୟା କରିବାର ଅଧିକାର ରହିଛି। ଏହାର ନ୍ୟାୟିକ ପୁନର୍ବିଚାର ଗ୍ରହଣ କରିବାର ଅଧିକାର ରହିଛି।

**? ତୁମେ ଜାଣ କି**

ନ୍ୟାୟିକ ପୁନର୍ବିଚାର ଏକ ବ୍ୟବସ୍ଥା ଯାହାଦ୍ୱାରା ନ୍ୟାୟାଳୟ କୌଣସି ଆଇନଗତ କାର୍ଯ୍ୟ କିମ୍ବା ନିର୍ବାହକ ନିର୍ଦ୍ଦେଶର ସାମ୍ବିଧାନିକତାକୁ ନିରୀକ୍ଷା କରେ। ଯଦି ନିରୀକ୍ଷା ସମୟରେ ଦେଖିବାକୁ ମିଳେ ଯେ, ସେଥିରେ ସମ୍ବିଧାନର ଉଲ୍ଲଘଂନ ହୋଇଛି, ସେତେବେଳେ ନ୍ୟାୟାଳୟ ଏହାକୁ ଅକାମୀ ଓ ଅସାମ୍ବିଧାନିକ ବୋଲି ଘୋଷଣା କରେ।

## ୨୦.୪.୨ ନ୍ୟାୟାଳୟୋଚିତ କର୍ମବାଦ:

ନ୍ୟାୟିକ କର୍ମବାଦକୁ ନ୍ୟାୟାଳୟଦ୍ୱାରା ସମ୍ବିଧାନର "ନୂତନ ବ୍ୟାଖ୍ୟା" ଭାବରେ ନାମିତ କରାଯାଏ। ଏ ସମ୍ପର୍କରେ ବହୁସମୟରେ ସମାଲୋଚନା କରାଯାଏ ଯେ, ନ୍ୟାୟ ବିଭାଗ ଆଇନ ପ୍ରଣୟନ ବିଭାଗର କ୍ଷମତାକୁ ଅପହରଣ କରୁଛି। କିନ୍ତୁ ଭାରତରେ ଏହା ଜନସାଧାରଣଙ୍କ ସମର୍ଥନ

ଲାଭକରେ। କାରଣ ଏହା ଅସୁବିଧାରେ ଥିବା ବ୍ୟକ୍ତିଙ୍କୁ ଆଇନର ସୁବିଧାପ୍ରଦାନ କରିବାରେ ମନୋନିବେଶ କରିଥାଏ ଏହା ଜନସ୍ୱାର୍ଥ ମାମଲା (PIL)କୁ ଅସ୍ୱଭାବରେ ବ୍ୟବହାର କରେ। ଜନସ୍ୱାର୍ଥ ମାମଲାରେ କେବଳ ସମସ୍ୟାଦ୍ୱାରା ପ୍ରଭାବିତ ହେଉଥିବା ବ୍ୟକ୍ତି ନୁହେଁ, ଯେ କୌଣସି ବ୍ୟକ୍ତି କୌଣସି ସମସ୍ୟା ପାଇଁ ନ୍ୟାୟାଳୟରେ ଅଭିଯୋଗ ପତ୍ର ଦାଖଲ କରିପାରିବ। ଯେଉଁଲୋକମାନେ ଗରୀବ, ସୁବିଧାସୁଯୋଗରୁ ବଞ୍ଚିତ ,ବଂ ନ୍ୟାୟାଳୟର ଆଶ୍ରୟ ନେବାପାଇଁ ଅକ୍ଷମ ସେମାନଙ୍କ ତରଫରୁ (PIL) ବହୁସମୟ ବ୍ୟବହାର କରାଯାଏ। ନ୍ୟାୟାଳୟୋଚିତ କର୍ମବାଦ ଓ (PIL) ନ୍ୟାୟାଳୟ ଗୁଡ଼ିକ ଅପମିଶ୍ରଣ, ସମାନ ନାଗରିକ ଆଇନର (Civil code) ଆବଶ୍ୟକତା, ଅନଧିକାର ଭାବରେ ଅଧିକୃତ ବାସଗୃହ ଖାଲିକରିବା, ବିପଦପୂର୍ଣ୍ଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କ ନିଯୁକ୍ତି ଓ ଅନ୍ୟାନ୍ୟ ବିଷୟଉପରେ ରାୟ ପ୍ରଦାନ କରିଥାଏ।

## ପାଠଗତ ପ୍ରଶ୍ନାବଳୀ - ୨୦.୫

୧. ଶୂନ୍ୟସ୍ଥାନ ପୂରଣ କର

(i) ଭାରତରେ ଏକ ______________ ବିଚାର ବିଭାଗ ଅଛି।

(ii) ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତି ଓ ବିଚାରପତିମାନେ ______________ ଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି।

(iii) ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନେ ______________ ପଦ୍ଧତିଦ୍ୱାରା ପଦତ୍ୟାଗ କରନ୍ତି।

(iv) ଭାରତୀୟ ସମ୍ବିଧାନରେ ସର୍ବଶେଷ ବ୍ୟାଖ୍ୟା କରିବାର ଅଧିକାର ______________ ଙ୍କର ରହିଛି।

୨. ନିମ୍ନଲିଖିତ ବାକ୍ୟ ମଧ୍ୟରୁ କେଉଁଟି ସତ୍ୟ ଓ କେଉଁଟି ମିଥ୍ୟା।

(i) ଭାରତର ନ୍ୟାୟାଳୟର ବିଚାରପତିମାନେ ମୁଖ୍ୟବିଚାରପତିଙ୍କଦ୍ୱାରା ନିଯୁକ୍ତି ପାଆନ୍ତି।

(ii) ଉଚ୍ଚତମ ନ୍ୟାୟାଳୟରେ ଜଣେ ମୁଖ୍ୟ ବିଚାରପତି ଓ ୩୦ଜଣ ବିଚାରପତି ଅଛନ୍ତି।

(iii) ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନେ ନିଜପଦରେ ୬୫ବର୍ଷ ପର୍ଯ୍ୟନ୍ତ ରହନ୍ତି।

(iv) ନ୍ୟାୟିକ କର୍ମବାଦ ଅସୁବିଧାରେ ଥିବା ବ୍ୟକ୍ତିଙ୍କୁ ସୁବିଧା ପ୍ରଦାନପାଇଁ ମନୋନିବେଶ କରିଥାଏ।

(v) ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟକୁ ମତାମତ ପାଇଁ ପଠାଇଥିବା ବିଷୟରେ ଉଚ୍ଚତମ ନ୍ୟାୟାଳୟର ମତାମତ ଗ୍ରହଣ କରିବାକୁ ବାଧ୍।

## ତୁମେ କ'ଣ ଶିଖିଲ ?

- କେନ୍ଦ୍ରସରକାର ଗଠନ ଓ କାର୍ଯ୍ୟ ସଂସଦୀୟ ଗଣତାନ୍ତ୍ରିକ ସରକାରର ନୀତି ଓ ପ୍ରଥା (Convention) ଉପରେ ଆଧାରିତ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ ମନ୍ତ୍ରୀପରିଷଦକୁ ନେଇ କାର୍ଯ୍ୟନିର୍ବାହୀ ଗଠିତ। ସଂସଦର ଉଭୟ ସଦନକୁ ନେଇ ଆଇନପ୍ରଣୟନ ବିଭାଗ ଗଠିତ ଓ ଉଚ୍ଚତମ ନ୍ୟାୟାଳୟ ସର୍ବୋଚ୍ଚନ୍ୟାୟାଳୟ।
- ସମ୍ବିଧାନ କାର୍ଯ୍ୟନିର୍ବାହୀ କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ କରିଛନ୍ତି ଓ ରାଷ୍ଟ୍ରମୁଖ୍ୟ ଅଟନ୍ତି। ସଂସଦର ଉଭୟ ଗୃହର ସଦସ୍ୟ ଓ ରାଜ୍ୟ ବିଧାନସଭା ସଦସ୍ୟଙ୍କୁ ନେଇ ଗଠିତ ନିର୍ବାଚକ ମଣ୍ଡଳିଦ୍ୱାରା ପରୋକ୍ଷ ନିର୍ବାଚନ ପଦ୍ଧତିରେ ସେ ନିର୍ବାଚିତ ହୁଅନ୍ତି। ତାଙ୍କର କାର୍ଯ୍ୟକାଳ ୫ବର୍ଷ

କିନ୍ତୁ ବହିଷ୍କାର (Inpeachment) ପଦ୍ଧତିଦ୍ୱାରା ତାଙ୍କୁ ପୂର୍ବରୁ ବହିଷ୍କାର କରାଯାଇପାରେ। ତାଙ୍କର କାର୍ଯ୍ୟନିର୍ବାହୀ, ଆଇନପ୍ରଣୟନ ଓ ନ୍ୟାୟିକ କ୍ଷମତା ଏବଂ ଜରୁରୀକାଳୀନ କ୍ଷମତା ଥାଏ।

- ପ୍ରଧାନମନ୍ତ୍ରୀ କେନ୍ଦ୍ରସରକାରର ପ୍ରକୃତ ପ୍ରଶାସନିକ ମୁଖ୍ୟ। ସେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି ଓ ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ମଧ୍ୟ ନିଯୁକ୍ତି ପାଆନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ ମନ୍ତ୍ରୀପରିଷଦର ସାହାଯ୍ୟ ଓ ପରାମର୍ଶରେ ରାଷ୍ଟ୍ରପତି ତାଙ୍କର କ୍ଷମତା କାର୍ଯ୍ୟକାରୀ କରନ୍ତି ଓ ସେମାନଙ୍କ ପରାମର୍ଶ ରାଷ୍ଟ୍ରପତିଙ୍କ ପାଇଁ ବାଧ୍ୟତାମୂଳକ ଅଟେ। ମନ୍ତ୍ରୀପରିଷଦ ସାମୂହିକ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ। ଏହାର ଅର୍ଥ ଏହା ଯେ, ଯଦି ସେମାନେ ଲୋକସଭାର ଆସ୍ଥା ହରାନ୍ତି, ପ୍ରଧାନମନ୍ତ୍ରୀଙ୍କ ପଦତ୍ୟାଗ ସହିତ ମନ୍ତ୍ରୀପରିଷଦ ଭାଙ୍ଗିଯାଏ।
- ସଂସଦ ଲୋକସଭା ଓ ରାଜ୍ୟସଭାକୁ ନେଇ ଗଠିତ ଏବଂ ଏହା ଆଇନ ପ୍ରଣୟନକାରୀ ସଂସ୍ଥା। ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷଭାବେ ନାଗରିକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି କିନ୍ତୁରାଜ୍ୟସଭାର ସଦସ୍ୟମାନେ ପରୋକ୍ଷଭାବରେ ନିର୍ବାଚିତ ହୁଅନ୍ତି। ଲୋକସଭାର କାର୍ଯ୍ୟକାଳ ୫ବର୍ଷ ଯେତେବେଳେ ରାଜ୍ୟସଭା ଏକ ସ୍ଥାୟୀ ସଭା ଯାହା କେବେହେଲେ ଭଙ୍ଗ ହୁଏନାହିଁ। ଆଇନ ତିଆରି କରିବା ଓ ବାର୍ଷିକ ବଜେଟକୁ ପାରିତ କରିବା ବ୍ୟତୀତ ସଂସଦ ନିଜର ନିତିଦିନିଆ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରକୁ ନିୟନ୍ତ୍ରିଣ କରିଥାଏ। ଏହା ରାଷ୍ଟ୍ରପତି ନିର୍ବାଚନରେ ଅଂଶଗ୍ରହଣକରେ ଓ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାଏ।
- ଉଚ୍ଚତମ ନ୍ୟାୟାଳୟ ଭାରତର ସଂଯୁକ୍ତ ନ୍ୟାୟପାଳିକାର ସର୍ବୋଚ୍ଚ ସ୍ଥାନରେ ଅବସ୍ଥିତ। ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିମାନେ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହୋଇଥାଆନ୍ତି। ଏହାର ମୌଳିକ ଅପିଲ ଗ୍ରହଣ ଓ ପରାମର୍ଶ ପ୍ରଦାନ କରିବାର କ୍ଷେତ୍ରାଧିକାର ରହିଛି। ଏହା ମଧ୍ୟ ନଥିପତ୍ରର ନ୍ୟାୟାଳୟ। ଏହା ସମ୍ବିଧାନର ରକ୍ଷକଭଳି କାଯର୍ଯ୍ୟକରେ। ଏହାର ନ୍ୟାୟାଳୟୋଚିତ କାର୍ଯ୍ୟକ୍ରମ (Judicial activism) ମୁଖ୍ୟତଃ (PIL) ଜନସ୍ୱାର୍ଥ ମାମଲା, ଗରୀବ, ଅସୁବିଧାରେ ଥିବା ବ୍ୟକ୍ତି କିମ୍ବା ଯେଉଁମାନଙ୍କର ନ୍ୟାୟାଳୟର ଆଶ୍ରୟ ନେବାର ସମ୍ବଳ ନାହିଁ ସେମାନଙ୍କ ତରଫରୁ ବାରମ୍ବାର ବ୍ୟବହାର କରାଯାଏ।

## ଅନ୍ତିମ ପ୍ରଶ୍ନାବଳୀ

(i) ରାଷ୍ଟ୍ରପତି କିପରି ନିର୍ବାଚିତ ହୁଅନ୍ତି ? ସେ କିପରି ପଦଚ୍ୟୁତ ହୁଅନ୍ତି ?

(ii) ଭାରତର ାଷ୍ଟ୍ରପତିଙ୍କର କ୍ଷମତା ଓ କାର୍ଯ୍ୟ କ'ଣ ? ସମ୍ବିଧାନରେ ରାଷ୍ଟ୍ରପତିଙ୍କୁ ଏତେ କ୍ଷମତା ଦିଆଯାଇଥିଲେ ମଧ୍ୟ କାହିଁକି କୁହାଯାଇଛି ଯେ, ରାଷ୍ଟ୍ରପତି ଶାସନ କରନ୍ତି ନାହିଁ କିନ୍ତୁ ଦେଶର ପ୍ରତିନିଧିତ୍ୱ କରନ୍ତି ?

(iii) ଭାରତର ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟକୁ ପରୀକ୍ଷା ଓ ମୂଲ୍ୟାୟନ କର।

(iv) ଏହା କହିବା ଯଥାର୍ଥକି ଯେ, ରାଜ୍ୟସଭା କେବଳ ଦ୍ୱିତୀୟ ସଦନ ନୁହେଁ, ତାହା ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ସଦନ ? ତୁମ ଉତ୍ତରରେ ପ୍ରମାଣ କର ?

(v) ଉଚ୍ଚତମ ନ୍ୟାୟାଳୟ କିପରି ଗଠିତ ହୁଏ ? ଏହାର କ୍ଷମତା ପରିସର କ'ଣ ?

(vi) "ନ୍ୟାୟାଳୟୋଚିତ କାର୍ଯ୍ୟକ୍ରମ" (Judicial activism) ଭାରତୀୟ ଗଣତନ୍ତ୍ର ପାଇଁ ଆଶୀର୍ବାଦ ନା ଅଭିଶାପ ? ତିନୋଟି କାରଣ ଦର୍ଶାଇ ତୁମର ଉତ୍ତର ଦିଅ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର :

### ୨୦.୧.

୧. ସଂସଦର ଉଭୟ ସଦନ ଓ ରାଜ୍ୟବିଧାନସଭାର ସଦସ୍ୟମାନଙ୍କୁନେଇ ଗଠିତ ନିର୍ବାଚକ ମଣ୍ଡଳିଦ୍ୱାରା ପରୋକ୍ଷଭାବରେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପୋଣ୍ଡୁଚେରୀ (ପୂର୍ବନାମ ପଣ୍ଡିଚେରୀ)ର ବିଧାନସଭାର ନିର୍ବାଚିତ ସଦସ୍ୟମାନେ ମଧ୍ୟ ଏହି ନିର୍ବାଚନରେ ଅଂଶଗ୍ରହଣ କରନ୍ତି। ଗୁପ୍ତବାଲଟ ଦ୍ୱାରା ମତଦାନ କରାଯାଏ। ଆନୁପାତିକ ଭୋଟଦାନ ପଦ୍ଧତିଦ୍ୱାରା ସେ ନିର୍ବାଚିତ ହୁଅନ୍ତି।

୨. (i) ରାଷ୍ଟ୍ର

(ii) (କ) ସେ ଭାରତର ନାଗରିକ ହୋଇଥିବେ (ଖ) ଅନ୍ୟୁନ ୩୫ବର୍ଷ ବୟସ ହୋଇଥିବ (ଗ) ଲୋକସଭାର ସଭ୍ୟ ହେବାପାଇଁ ଯୋଗ୍ୟତାଥିବ (ଘ) କୌଣସି ଲାଭଜନକ ପଦରେ କାର୍ଯ୍ୟକରୁନଥିବେ।

(iii) ଭାରତର ଉପରାଷ୍ଟ୍ରପତି

(iv) (କ) କାର୍ଯ୍ୟନିର୍ବାହୀ କ୍ଷମତା (ଖ) ଆଇନ ପ୍ରଣୟନ କ୍ଷମତା (ଗ) ଆର୍ଥିକ କ୍ଷମତା (ଘ) ନ୍ୟାୟିକ କ୍ଷମତା

୩. ଏହି ସୂଚନା ଭାରତୀୟ ସମ୍ବିଧାନ ସମ୍ପର୍କୀୟ ବହି, ଇଣ୍ଟରନେଟ୍ କିମ୍ବା ତୁମ ଶିକ୍ଷକ, ସହପାଠୀ, ବନ୍ଧୁମାନଙ୍କ ସହ ଆଲୋଚନାକରି ସଂଗ୍ରହକର।

### ୨୦.୨

୧. ଯେତେବେଳେ କୌଣସି ରାଜ୍ୟର ସାମ୍ବିଧାନିକ ବ୍ୟବସ୍ଥା ଭୁଷୁଡ଼ିପଡେ ଓ ରାଜ୍ୟପାଳଙ୍କ ମତଅନୁସାରେ ରାଷ୍ଟ୍ରପତି ଅନୁଭବ କରନ୍ତି ଯେ, ସମ୍ବିଧାନ ବିଧିବ୍ୟବସ୍ଥା ଅନୁସାରେ ରାଜ୍ୟଶାସନ ଚାଲିପାରିବ ନାହିଁ, ସେତେବେଳେ ଦ୍ୱିତୀୟ ପ୍ରକାରର ଜରୁରୀକାଳୀନ ଅବସ୍ଥା ଜାରୀ କରାଯାଏ। ସେହି ସମୟରେ ସଂପୃକ୍ତ ରାଜ୍ୟବିଧାନସଭା ଭାଙ୍ଗିଯାଏ କିମ୍ବା ଏହାକୁ ନିଲମ୍ବିତ କରାଯାଏ। ରାଜ୍ୟର ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନାମରେ ସମସ୍ତ ପ୍ରଶାସନିକ କାର୍ଯ୍ୟ ନିର୍ବାହ କରନ୍ତି।

୨. ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ କ୍ୟାବିନେଟ୍ ଜରୁରୀକାଳୀନ ଅବସ୍ଥା ଘୋଷଣା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। କେବଳ ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧିନ କ୍ୟାବିନେଟ୍‌ର ସିଦ୍ଧାନ୍ତ ଲିଖିତ ଭାବରେ ରାଷ୍ଟ୍ରପତିଙ୍କୁ ଜଣାଇ ଦିଆଯାଏ, ସେତେବେଳେ ରାଷ୍ଟ୍ରପତି ଏହି ଘୋଷଣା କରିଥାଆନ୍ତି।

୩. ତୁମେ ଯାହା ବୁଝୁଛ ସେହି ଅନୁସାରେ ଉତ୍ତରଦିଅ।

୪. (କ) ଭୁଲ୍ (ଖ) ଠିକ୍ (ଗ) ଠିକ୍ (ଘ) ଠିକ୍

### ୨୦.୩

୧. (କ) ପ୍ରକୃତ କାର୍ଯ୍ୟନିର୍ବାହୀ

(ଖ) ସଂଖ୍ୟାଗରିଷ୍ଠ ଦଳ, ନେତା

(ଗ) ସରକାର, ପ୍ରକୃତ

(ଘ) ପ୍ରଧାନମନ୍ତ୍ରୀ

୨. (କ) ଯଦି ଲୋକସଭା ମନ୍ତ୍ରୀପରିଷଦ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପାରିତ କରେ।

(ଖ) ପ୍ରଧାନମନ୍ତ୍ରୀ

(ଗ) କ୍ୟାବିନେଟ୍‌ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ଉପମନ୍ତ୍ରୀ

(ଘ) ପ୍ରଧାନମନ୍ତ୍ରୀ

**୨୦.୪**

୧. (i) ୫୫୦

(ii) ୬ ବର୍ଷ

(iii) ରାଜ୍ୟସଭା

(iv) ଭାରତର ଉପରାଷ୍ଟ୍ରପତି

(v) (କ) ଗୃହରେ ସଭାପତିତ୍ୱ କରନ୍ତି (ଖ) ଶୃଙ୍ଖଳା ରକ୍ଷା (ଗ) ସଦସ୍ୟ ମାନଙ୍କୁ କହିବାକୁ ଅନୁମତି ଦିଅନ୍ତି। ବିଲ୍‌ଟି ଅର୍ଥ ବିଲ୍ କି ନୁହେଁ ତାହା ସ୍ଥିର କରନ୍ତି ଏବଂ ସଂସଦର ମିଳିତ ଅଧିବେଶନରେ ସଭାପତିତ୍ୱ କରନ୍ତି।

(vi) (କ) ଭାରତର ନାଗରିକ ହୋଇଥିବେ । (ଖ) ଅତିକମ୍‌ରେ ୨୫ବର୍ଷ ବୟସ ହୋଇଥିବ। (ଗ) କୌଣସି ଲାଭଜନକ ପଦବୀ ଅଧିକାର କରିନଥିବେ।

୨. (କ) ସଂସଦର ଯେକୌଣସି ସଦନ

(ଖ) ମିଳିତ

(ଗ) ଲୋକସଭା

(ଘ) (i) ପ୍ରଶ୍ନ ଓ ଅତିରିକ୍ତ ପ୍ରଶ୍ନ (ii) ମୁଲତବୀ ଓ ଦୃଷ୍ଟି ଆକର୍ଷଣ।

୩. (କ) ମିଥ୍ୟା (ଖ) ସତ୍ୟ (ଗ) ସତ୍ୟ (ଘ) ସତ୍ୟ

୪. ଉଲଗୁଣ ଗୁଡିକ କ'ଣ ହେବା ଉଚିତ୍, ତାହା ତୁମେ ଯାହା ବୁଝୁଛ ଲେଖ।

**୨୦.୫** (i) ସାମଗ୍ରିକ (Unified)

(ii) ଭାରତର ରାଷ୍ଟ୍ରପତି

(iii) ବହିଷ୍କାର (Impeachment)

(iv) ଉଚ୍ଚତମ ନ୍ୟାୟାଳୟ

୨. (i) ମିଥ୍ୟା

(ii) ସତ୍ୟ

(iii) ସତ୍ୟ

(iv) ସତ୍ୟ

(v) ମିଥ୍ୟା